READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


୨ୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର' ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ

ବର୍ଷ-୩ | ସଂଖ୍ୟା-୪୭ | ୯ - ୧୫ ଡିସେମ୍ବର, ୨୦୧୯ | ଭୁବନେଶ୍ୱର | Monday Weekly | VOL-3 | ISSUE-47 | 9th - 15th DECEMBER, 2019 | BHUBANESWAR | ₹ 5/- (8 Pages)




# ପିଆଜ ଲୁହ ଶୁଖୁନି

**ଭୁବନେଶ୍ୱର, (ତାରକ ମହାନ୍ତି) :** ପିଆଜ ଦର ବୃଦ୍ଧିକୁ ନେଇ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ତାତି ବଢୁଛି। ସଂସଦରେ ବି ପିଆଜ ଲଢ଼େଇ। ଏଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ବୟାନ ସାରାଦେଶର ଖାଉଟିଙ୍କ ପାଇଁ ଉପହାସ ସଦୃଶ। ପିଆଜ ଦର ବୃଦ୍ଧି ନେଇ ସଂସଦରେ ଆଲୋଚନା କାଳରେ ନିର୍ମଳା ସୀତାରମଣ କହିଛନ୍ତି ଯେ, ସେ ପିଆଜ ଖାଆନ୍ତିନି। ସେ ଯେଉଁ ପରିବାରରୁ ଆସିଛନ୍ତି ସେଠାରେ କେବେ ପିଆଜ ଓ ରସୁଣ ବ୍ୟବହାର ହୋଇନାହିଁ। ତେଣୁ ତାଙ୍କର ପିଆଜ ଦରକୁ ନେଇ କୌଣସି ଚିନ୍ତା ନାହିଁ। ତେବେ ସାରା ଦେଶର ଖାଉଟି ଯେତେବେଳେ ପିଆଜ ଦର ବୃଦ୍ଧିକୁ ନେଇ ଚିନ୍ତାରେ ପଡିଛନ୍ତି ସେତେବେଳେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଏଭଳି ବୟାନ ବେଶ୍ ପ୍ରତିକ୍ରିୟା ସୃଷ୍ଟି କରିଛି। ସଂସଦରେ ନିର୍ମଳାଙ୍କ ଏହି ବୟାନ ପରେ କଂଗ୍ରେସ ପକ୍ଷରୁ ଏହାର ତୀବ୍ର ବିରୋଧ ପ୍ରଦର୍ଶନ କରାଯାଇଥିଲା। ଚିଦାମ୍ବରମ କହିଛନ୍ତି ଯେ, ଅର୍ଥମନ୍ତ୍ରୀ ପିଆଜ ଖାଆନ୍ତି ନାହିଁ ବୋଲି ଅନ୍ୟମାନେ ଯେ ପିଆଜ ଖାଇବେ ନାହିଁ ତାହା କହିବା ଠିକ୍ ନୁହେଁ। ଗୋଟିଏ ପକ୍ଷରେ ପିଆଜ ଦର କୌଣସି ପରିସ୍ଥିତିରେ ନିୟନ୍ତ୍ରଣକୁ ଆସୁନଥିଲା ବେଳେ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ବୈଠକ କରି ସ୍ଥିତିର ମୁକାବିଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବଜାରରେ ପିଆଜ କମ୍ ଥିବାରୁ ଏହାକୁ ଗଚ୍ଛିତ ରଖି କେହି ଯେଭଳି କଳାବଜାରୀ ନକରନ୍ତି ସେଥିପାଇଁ ରାଜ୍ୟ ଗୁଡିକୁ ଦୃଷ୍ଟି ଦେବା ପାଇଁ କ୍ୟାବିନେଟ୍ ସଚିବ କହିଛନ୍ତି। ଇଜିପ୍ଟ, ଇରାନ ଓ ତୁର୍କୀରୁ ଆସିବ ପିଆଜ। ଏହା ବାଦ୍ ୬୦୯୦ ଟନ୍ ପିଆଜ ଆମଦାନୀକୁ ମଧ୍ୟ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିଛି ଓ ଏହା ଆସନ୍ତା ସପ୍ତାହରେ ପହଞ୍ଚିବ ବୋଲି ଜଣାପଡିଛି। ଗତ ତିନିମାସ ହେବ ସାରା ଦେଶରେ ପିଆଜକୁ



ନେଇ ଖାଉଟି ହନ୍ତସନ୍ତ ହେଉଥିଲା ବେଳେ କେନ୍ଦ୍ର ଓ ରାଜ୍ୟ କେହି ଏହାକୁ ଗୁରୁତ୍ୱ ଦେଉନଥିବା ଜଣାପଡିଛି। ସତେ ଯେମିତି ସରକାର ଅସହାୟ ହୋଇପଡିଛନ୍ତି। ଲୋକଙ୍କ ରୋଷେଇ ଶାଳରୁ ଏବେ ପିଆଜ ଗାଏବ ହୋଇଯାଇଛି। ଲୋକଙ୍କ ବିପଦ ବେଳେ ସରକାରଙ୍କ ବାହାନାବାଜି ପୁରୁଣା ଲାଗୁଥିଲେ ବି ଖାଉଟିଙ୍କ ଚିନ୍ତା ନା କେନ୍ଦ୍ର କରୁଛି ନା ରାଜ୍ୟ କରୁଛି। ଫସଲ ନଷ୍ଟ ଆଳ ଦେଖାଇ ରାଜ୍ୟରେ ସରକାର ଚୁପ୍ ବସିଛନ୍ତି। ତେବେ ଆଳୁ ଓ ପିଆଜ ମିଶନ ଗଲା କୁଆଡେ? ଯୋଜନା ସତ୍ତ୍ୱେ ଏହାର କାର୍ଯ୍ୟକାରିତାକୁ ନେଇ ସବୁ ମହଲରେ ପ୍ରଶ୍ନ ଉଠୁଛି। ସବୁଠି ଏବେ ପିଆଜ ନିଆଁ।

ବର୍ଷ ପରେ ବର୍ଷ ଆମ ରାଜ୍ୟରେ ପିଆଜକୁ ନେଇ ସମସ୍ୟା ସୃଷ୍ଟି ହେଉଥିଲେ ବି ସରକାର ପିଆଜ ସଂରକ୍ଷଣ ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ଯେଉଁଥିପାଇଁ ଗରିବଙ୍କ ପଖାଳ କଂସାରୁ ଉଭାନ ହେଇଯାଉଛି ପିଆଜ। ଯେଉଁ ରାଜ୍ୟରେ ଟଙ୍କାକରେ ଚାଉଳ ମିଳୁଛି ସେଠାରେ ପିଆଜ କିଲୋ ଦେଢ଼ଶହ କାହିଁକି? ଯେଉଁ ସମୟରେ ଆମ ରାଜ୍ୟରେ ଋଷୀମାନେ ପିଆଜ ଉତ୍ପାଦନ କରୁଛନ୍ତି ସେ ସମୟରେ ସରକାର ଏହାକୁ ସଂଗ୍ରହ କରି ସଂରକ୍ଷଣ ନକରିବା ଫଳରେ ଅନ୍ୟ ରାଜ୍ୟର ଚୋରା ବେପାରୀମାନେ ଆମ ରାଜ୍ୟର ପିଆଜ ଅତି କମ୍ ମୂଲ୍ୟରେ ନେଇ ଯାଉଛନ୍ତି। ଆଶା କରାଯାଉଥିଲା କାର୍ତ୍ତିକ ମାସ ପରେ ପିଆଜ ଦର କମିବ। ଗାଁ ଗହଳି କଥା ଛାଡନ୍ତୁ ଖୋଦ୍ ରାଜଧାନୀରେ ଏବେ ପିଆଜ କିଲୋ ଦେଢ଼ଶହ ଟପିଲାଣି। ଗତ ଦୁଇ ସପ୍ତାହ ହେଲା ପ୍ରତିଦିନ ପିଆଜ କିଲୋ ପ୍ରତି ଦର ୧୦ରୁ ୨୦ ଟଙ୍କା ଲେଖାଏଁ ବଢ଼ିଚାଲିଛି। ୧ ନମ୍ବର ହାଟ ହେଉ କି କଟକର ଛତ୍ର ବଜାର ଅବା ବାଲେଶ୍ୱର ପରିବା ମାର୍କେଟ ସବୁଠି ପିଆଜ କିଲୋ ଦେଢ଼ଶହ ଛୁଇଁଲାଣି। କିନ୍ତୁ ବେପାରୀମାନଙ୍କ କହିବା କଥା ହେଲା ମହାରାଷ୍ଟ୍ରର ନାସିକ ଓ ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଏବଂ ଗୁଡୁମ୍ବରୁ ପିଆଜ ନ ଆସିବା ପର୍ଯ୍ୟନ୍ତ ଦର କମିବ ନାହିଁ। ପ୍ରତିବର୍ଷ ଓଡ଼ିଶାରେ ଦୁଇ ତିନିଥର ଏଭଳି ସମାନ ସମସ୍ୟା ଦେଖାଦେଉଛି। ହେଲେ ପିଆଜ ଦର ନିୟନ୍ତ୍ରଣକୁ ଆଣିବା ଓ କଳାବଜାରିଙ୍କ ଉପରେ ରୋକ ଲଗାଇବାରେ ଫେଲ୍ ମାରୁଛନ୍ତି ରାଜ୍ୟ ସରକାର। ଏଥିରେ ଯୋଗାଣ ବିଭାଗର ଢିଲା ପଣ ଜଳ ଜଳ ଦିଶୁଛି। ସରକାର ସୁଲଭ ଦରରେ ➤ ପୃ-୬

## କିଷାନ-କାଳିଆ ମିଶିବେ
# ଆୟୁଷ୍ମାନ କେବେ ?




**ଭୁବନେଶ୍ୱର :** ରାଜ୍ୟରେ ସାଧାରଣ ନିର୍ବାଚନ ବେଳେ କୃଷି ଓ କୃଷକଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପିଏମ୍-କିଷାନ' ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'କାଳିଆ' ଯୋଜନା ବେଶ୍ ହଟଚମଟ ସୃଷ୍ଟି କରିଥିଲା। ଦୁଇ ଯୋଜନାକୁ ନେଇ ସେତେବେଳେ କେନ୍ଦ୍ର ଓ ରାଜ୍ୟ ସରକାର ମୁହାଁମୁହିଁ ହୋଇଥିଲେ। ଏବେ କାଳିଆ ଓ ପିଏମ୍-କିଷାନ ଏକାଠି ହେବେ। ରାଜ୍ୟ ସରକାର କାଳିଆ ଯୋଜନାକୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବା ପିଏମ୍-କିଷାନରେ ମିଶାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମଧ୍ୟ ପ୍ରସ୍ତାବ ଅନୁମୋଦିତ ହୋଇଛି। ➤ ପୃ-୬

# 'ଶ୍ରମିକଙ୍କ ସାମାଜିକ ସୁରକ୍ଷା ଆମ ସରକାରଙ୍କ ପ୍ରାଥମିକତା'

**ଭୁବନେଶ୍ୱର :** ପେନ୍‌ସନ୍ ସପ୍ତାହ ଉପଲକ୍ଷେ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ତରଫରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ୨ଟି ପେନ୍‌ସନ୍ ଯୋଜନା ଯଥା-'ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାଦ ଓ 'ଜାତୀୟ ପେନ୍‌ସନ୍ ଯୋଜନାଦର ଏକ ରାଜ୍ୟସ୍ତରୀୟ ସଚେତନତା ଶିବିରର ମୁଖ୍ୟ ଅତିଥି ଶ୍ରମ, କର୍ମଚାରୀ ରାଜ୍ୟବୀମା ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦ୍ୱାରା ସ୍ଥାନୀୟ ଜୟଦେବ ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ଶ୍ରୀ ସିଂ ତାଙ୍କ ଅଭିଭାଷଣରେ କହିଲେ ଯେ ସଂଗଠିତ ଏବଂ ଅସଂଗଠିତ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଆମ ସରକାରଙ୍କର ପ୍ରାଥମିକତା। ରାଜ୍ୟ ସରକାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷାକୁ ସୁଦୃଢ଼ ଓ ସୁସଂଗଠିତ କରିବା



ପାଇଁ ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଲାଭ ସମୂହ ସଫଳ ଭାବରେ ଶ୍ରମିକ ଭାଇଭଉଣୀ ଏବଂ ସେମାନଙ୍କର ପରିବାରବର୍ଗଙ୍କ ପାଖରେ ପହଞ୍ଚିବା ପାଇଁ ବିଭିନ୍ନ ଶ୍ରମ ଆଇନର କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ତିନିଗୋଟି ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ରାଜ୍ୟରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଅଣସଂଗଠିତ ଶ୍ରମିକମାନଙ୍କ ସାମାଜିକ କଲ୍ୟାଣକୁ ଆଖି ଆଗରେ ରଖି ଓଡ଼ିଶା ଅଣସଂଗଠିତ ସାମାଜିକ ସୁରକ୍ଷା କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା (ଉଭୟ ସ୍ୱାଭାବିକ ଓ ଦୁର୍ଘଟଣାଜନିତ ମୃତ୍ୟୁ), ଦୁର୍ଘଟଣାଜନିତ ସହାୟତା ଓ ଚିକିତ୍ସା ସହାୟତା ଆଦି ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ, ନିର୍ମାଣ ଶ୍ରମିକମାନେ ଯେଉଁମାନେ କି ଅଣସଂଗଠିତ ଶ୍ରମିକ ତାଲିକାଭୁକ୍ତ ଅଟନ୍ତି, ସେମାନଙ୍କର କଲ୍ୟାଣ ପାଇଁ ରାଜ୍ୟ ସରକାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୨୯ ଲକ୍ଷ ହିତାଧିକାରୀଙ୍କୁ ପଞ୍ଜୀକୃତ କରିଥିବାବେଳେ ୧୭ଟି କଲ୍ୟାଣକାରୀ ଯୋଜନା ମାଧ୍ୟମରେ ୧୪୭୦ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ସେ ପୁଣି କହିଥିଲେ ଯେ, ➤ ପୃ-୬

## ପଦୋନ୍ନତିର ଲୋଭ ଦେଖାଇ ମହିଳା କନେଷ୍ଟବଲଙ୍କୁ ଯୌନ ନିର୍ଯାତନା !
# ଅଭିଯୋଗକୁ ସଲାସୁତୁରାରେ ସମ୍ଭାଳିନେଲେ

**ସମ୍ବଲପୁର, (ଦାମୋଦର ପଣ୍ଡା) :** ଦେଶସାରା ନାରୀ ନିର୍ଯାତନା ଟଣା ଆଲୋଡନ ସୃଷ୍ଟି କରିଥିବା ବେଳେ ସମ୍ବଲପୁର ପୋଲିସ ବିଭାଗର ଜଣେ ଇନ୍‌ସପେକ୍ଟର ପାହ୍ୟାର ଅଧିକାରୀ ମହିଳା କନେଷ୍ଟବଲମାନଙ୍କୁ ପଦୋନ୍ନତିର ଲୋଭ ଦେଖାଇ ଦୁର୍ବ୍ୟବହାର ଓ ଯୌନ ନିର୍ଯାତନାର ଅଭିଯୋଗ ହୋଇଛି। ଜଣେ ମହିଳା କନେଷ୍ଟବଲଙ୍କ ଲିଖିତ ଅଭିଯୋଗ ପରେ ଏସ୍‌ପି ସମ୍ପୃକ୍ତ ଅଧିକାରୀଙ୍କୁ ବଦଳି କରି ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ତଦନ୍ତ କମିଟି ଗଠନ କରିଥିଲେ। ଉକ୍ତ କମିଟି ଘଟଣାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ ଅଭିଯୋଗ କାରିଣୀଙ୍କ ମଧ୍ୟରେ ବୁଝାମଣା କରି ଘଟଣାକୁ ରଫାଦଫା କରିଥିବାର ଜଣାଯାଇଛି। ଅଭିଯୁକ୍ତ ଲିଖିତ କ୍ଷମା ମାଗିବା ଓ ଭବିଷ୍ୟତରେ ଏପରି ନକରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ପୀଡିତା ନିଜ ଅଭିଯୋଗକୁ ପ୍ରତ୍ୟାହାର କରି ନେଇଥିବା କୁହାଯାଉଛି। ଏହି ଘଟଣାରେ



ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଯା'ର ସ୍ପଷ୍ଟୀକରଣ ଜାଣିବାର ଅଧିକାର ଜନସାଧାରଣଙ୍କ ରହିଛି। (୧) ଏଭଳି ଅନ୍ୟାନ୍ୟ ଘଟଣାରେ ଅଭିଯୁକ୍ତର ନାମ, ଠିକଣା ପୋଲିସ ଘୋଷଣା କରୁଥିବା ବେଳେ, ଏଭଳି ଏକ ସଙ୍ଗୀନ ମାମଲାରେ ଅଭିଯୁକ୍ତର ପରିଚୟ ଗୋପନ ରଖାଯାଉଛି କାହିଁକି? (୨) ମାମଲା ପ୍ରତ୍ୟାହାର ପାଇଁ ପୀଡିତଙ୍କ ଉପରେ ଚାପ ପକାଯାଇଛି ନା ପ୍ରଲୋଭନ ଦିଆଯାଇଛି ନା ସେ ସ୍ୱେଚ୍ଛାକୃତ ଭାବେ ପ୍ରତ୍ୟାହାର କରିଛନ୍ତି? ପ୍ରତ୍ୟାହାର କରିବାର ଥିଲେ ଅଭିଯୋଗ କରିଥାନ୍ତେ କାହିଁକି? (୩) ଏଭଳି ରଫାଦଫା ଦ୍ୱାରା ଅନ୍ୟ ପୋଲିସ ଅଧିକାରୀ ବା କର୍ମଚାରୀ ଉତ୍ସାହିତ ହେବେନାହିଁ ତ? (୪) ପୋଲିସ ବିଭାଗ ତରଫରୁ ଅନ୍ୟାନ୍ୟ ଘଟଣା ଭଳି ଗଣମାଧ୍ୟମକୁ ଅନ୍ଧାରରେ ରଖାଯାଇଛି କାହିଁକି? (୫) ଏହାଦ୍ୱାରା ଖାକି ପୋଷାକରେ ଦାଗ ଧୋଇଗଲା କି?

ବିଡମ୍ବନା ଯେ, ଅନ୍ୟାନ୍ୟ ସାମାନ୍ୟ ଘଟଣାରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ଯୁବ ସଂଗଠନ ହୋହଲ୍ଲା, ଆନ୍ଦୋଳନ କରୁଥିବା ବେଳେ ସମାଜର ରକ୍ଷକ ସାଜିଥିବା ପୋଲିସ ବିଭାଗର ଏଭଳି ସମ୍ବେଦନଶୀଳ ଘଟଣାରେ ସମସ୍ତେ ପ୍ରତିକ୍ରିୟାହୀନ ହୋଇ ରହିଛନ୍ତି। ବିଭାଗୀୟ ତଦନ୍ତ ବାଟବଣା ହୋଇଛି, ଏଣୁ ଏହାର ନିରପେକ୍ଷ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଦିଶାଙ୍କୁ ନ୍ୟାୟ ମିଳିଲା
## ୪ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

**ହାଇଦ୍ରାବାଦ :** ହାଇଦ୍ରାବାଦରେ ବହୁଚର୍ଚ୍ଚିତ ଦିଶା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅଭିଯୁକ୍ତ ୪ଜଣଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ମାରିଦେଇଛି। ସାକ୍ଷ୍ୟ ପ୍ରମାଣ, ବିଚାର ଓ ଶୁଣାଣି ପୂର୍ବରୁ ଅଭିଯୁକ୍ତଙ୍କୁ ସିଧାସଳଖ ମୃତ୍ୟୁଦଣ୍ଡ ଦେଇଛି ପୋଲିସ। ହାଇଦ୍ରାବାଦ ପୋଲିସର ➤ ପୃ-୬

## ବକ୍ରବାଣୀ



ଘୋଡା ବେପାରୀଠୁ ଘୋଡା ଚତୁର
ଘୋଡା କିଣିବାକୁ ସବୁ ଆତୁର
ଘୋଡାଟା ଥିଲାରେ ବଡ ନାଟୁଆ
ଘୋଡାକୁ ଧଇଲା ରୋଗ ଫାଟୁଆ
ଘୋଡା ଦଉଡିଲା ପଇସା ଖାଇ
ଘୋଡା ଖୋଜିବାକୁ ନେତାଏ ବାଇ
ଘୋଡା ଶୋଇଗଲା ହୋଟେଲେ ଯାଇ
ଘୋଡା ବୁଦ୍ଧି ଦେଖି ବେପାରୀ ବାଇ
ଘୋଡା ଦେଖେଇଲା ସଭିଙ୍କୁ ବାଟ
ଘୋଡା କରେଇଲା କେଯାଏଁ ନାଟ।

——— ଟୁଟୁ



## କେମିତି କଟିବ ଏ ସପ୍ତାହ

**ମେଷ**
ପାରିବାରିକ କଳହରୁ ମୁକ୍ତି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ନୂତନ ଯାନ କ୍ରୟ କରିପାରନ୍ତି। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ବ୍ୟବସାୟରେ ଉନ୍ନତି ହେବ

**ବୃଷ**
ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ପଡି ରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ଛାତ୍ରଛାତ୍ରୀମାନେ ଶୁଭଫଳ ପ୍ରାପ୍ତ ହେବେ। ବିଦେଶ ଭ୍ରମଣ କରିପାରନ୍ତି।

**ମିଥୁନ**
ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**କର୍କଟ**
କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।

**ସିଂହ**
ଜମିଜମା ବିବାଦ ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ବ୍ୟବସାୟରେ ଅଧିକ ଲାଭବାନ ହେବା ସହିତ ଉନ୍ନତି କରିବେ।

**କନ୍ୟା**
ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଚାକିରୀ କ୍ଷେତ୍ରରେ ଲାଗିରହିଥିବା ବିବାଦର ସମାଧାନ ହେବ। ରାଜନୈତିକ ବ୍ୟକ୍ତିମାନେ ମିଶ୍ରଫଳ ପ୍ରାପ୍ତ କରିବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ତୁଳା**
ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ବିବାଦର ସମାଧାନ ହେବ।

**ବିଛା**
ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ନୂତନ ଗୃହ ନିର୍ମାଣ କରିବେ। ବିଦ୍ୟାର୍ଥୀମାନେ ପାଠପଢ଼ାରେ କୃତକାର୍ଯ୍ୟ ହେବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରହିବେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଲାଭବାନ ହେବେ।

**ଧନୁ**
ଗୃହରେ ଶାନ୍ତିର ବାତାବରଣ ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ କୃତିତ୍ୱ ହାସଲ କରିବେ। ବଡ କମ୍ପାନୀରେ ଚାକିରି ମିଳିପାରେ।

**ମକର**
କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ମନମାଳିନ୍ୟ ହେବ। ବିବାହ ଆଶାୟୀମାନେ ଅଶୁଭଫଳ ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରୁହନ୍ତୁ।

**କୁମ୍ଭ**
ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଲାଗିରହିବ। ଧନପ୍ରାପ୍ତିର ସୁଯୋଗ ରହିଛି। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବ୍ୟବସାୟରେ କ୍ଷତି ହେବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ।

**ମୀନ**
ବୈବାହିକ ଜୀବନ ଶାନ୍ତିରେ କଟିବ। ମାତାପିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ସମାଜ ସେବାରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ କମ୍ ଲାଭବାନ୍ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଇ-କମର୍ସ କମ୍ପାନୀ ଏଫ୍‌ଡିଆଇ ଅନୁପାଳନ ରିପୋର୍ଟ ଦେବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ :** ଭାରତରେ କାରବାର କରୁଥିବା ବିଦେଶୀ ଇ-କମର୍ସ କମ୍ପାନୀ କମ୍ପାନୀମାନେ ଏଣିକି ବାର୍ଷିକ ଏଫ୍‌ଡିଆଇ ରିପୋର୍ଟ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଆମାଜନ ଏବଂ ଫ୍ଲିପ୍‌କାର୍ଟ ଭଳି କମ୍ପାନୀ ପ୍ରତ୍ୟେକ ସେପ୍ଟେମ୍ବର ମାସ ଶେଷ ତାରିଖ ସୁଦ୍ଧା ନିର୍ଦ୍ଧାରିତ ଅଡିଟରଙ୍କ ଦ୍ୱାରା ତଦାରଖ କରାଯାଇଥିବା ସେମାନଙ୍କ ବ୍ୟବସାୟିକ ରିପୋର୍ଟ ସରକାରଙ୍କ ଦେବେ। ଏହାଦ୍ୱାରା ସେମାନେ ଏଫ୍‌ଡିଆଇ ନୀତିକୁ ଠିକ୍ ଭାବେ ଅନୁପାଳନ କରୁଛନ୍ତି କି ନା' ତାହା ସ୍ପଷ୍ଟ ହେବ ବୋଲି କୁହାଯାଇଛି। ପ୍ରତ୍ୟେକ ମାସ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା କମ୍ପାନୀମାନେ ସେମାନଙ୍କ ପୂର୍ବ ବର୍ଷର ବ୍ୟବସାୟ ରିପୋର୍ଟ ଦେବେ ବୋଲି ଗୁରୁବାର ପ୍ରକାଶ କରାଯାଇଥିବା ସରକାରୀ ନିର୍ଦ୍ଦେଶନାମା ସୂତ୍ରରୁ ଜଣାପଡ଼ିଛି। ବିଦେଶ ବିନିମୟ ପରିଚାଳନା ନୀତି (ଫେମା)ର ଧାରା ୧୫ ଅନୁଯାୟୀ ଇ-କମର୍ସ କମ୍ପାନୀଙ୍କ କାରବାର ସମ୍ପର୍କରେ ବିଚାର କରାଯାଉଥିବା ବେଳେ ଏହି ନିୟମାନୁସାରେ ଉପରୋକ୍ତ ନିର୍ଦ୍ଦେଶନାମା ଦିଆଯାଇଛି। ଏହାଦ୍ୱାରା ଇ-କମର୍ସ କମ୍ପାନୀମାନଙ୍କ କାରବାରକୁ ନେଇ ବିଭିନ୍ନ ତଥ୍ୟ ମିଳିପାରିବା ସହିତ ବିଭିନ୍ନ ସାମଗ୍ରୀ ପାଇଁ ସେମାନେ ନିର୍ଦ୍ଧାରିତ କରୁଥିବା ମୂଲ୍ୟସୂଚୀ ସମ୍ପର୍କରେ ମଧ୍ୟ ତଥ୍ୟ ହସ୍ତଗତ ହୋଇପାରିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଇ-କମର୍ସ କମ୍ପାନୀମାନେ ଏଫ୍‌ଡିଆଇ ନୀତିକୁ ଅନୁସରଣ କରୁନଥିବା ଏବଂ ଗ୍ରାହକମାନଙ୍କୁ ଅହେତୁକ ଭାବେ ରିହାତି ପ୍ରଦାନ କରୁଥିବା ଅଭିଯୋଗ କରି ସେମାନଙ୍କ ବିରୋଧରେ ଦେଶୀୟ କ୍ଷୁଦ୍ର ବ୍ୟବସାୟୀ ନିକଟରେ ନୂଆଦିଲ୍ଲୀ ଠାରେ ବିକ୍ଷୋଭ କରିଥିଲେ। ବ୍ୟବସାୟୀମାନେ ଆମାଜନ୍ ଏବଂ ଫ୍ଲିପ୍‌କାର୍ଟ ଭଳି କମ୍ପାନୀଙ୍କୁ ଇଷ୍ଟ ଇଣ୍ଡିଆ କମ୍ପାନୀର ଦ୍ୱିତୀୟ ସଂସ୍କରଣ ଭଳି ସେମାନେ ଅଭିହିତ କରିବା ସହ ସେମାନଙ୍କ ବିରୋଧରେ କେନ୍ଦ୍ର ସରକାର ତୁରନ୍ତ କଡ଼ା ପଦକ୍ଷେପ ନେବାକୁ ଦାବି କରିଥିଲେ। ପ୍ରାୟ ୭ କୋଟି ବ୍ୟବସାୟୀଙ୍କୁ ନେଇ ରହିଥିବା ଅଖିଳ ଭାରତୀୟ ବାଣିଜ୍ୟକାରୀ ମହାସଂଘ (ସିଏଆଇଟି) ପକ୍ଷରୁ ସୋମବାର ଦିଲ୍ଲୀର ପ୍ରତିଷ୍ଠିତ ହୋଲସେଲ ବଜାର ସଦର ବଜାର ନିକଟରେ ବ୍ୟବସାୟୀମାନେ ଶହ ଶହ ସଂଖ୍ୟାରେ ଏକଜୁଟ ହୋଇ ଏହି ଦୁଇଟି କମ୍ପାନୀ ବିରୋଧରେ ନାରାବାଜି କରିବା ସହିତ ସେମାନଙ୍କ ବିରୋଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି କମ୍ପାନୀମାନେ ଏଫ୍‌ଡିଆଇ ନିୟମ ଉଲ୍ଲଙ୍ଘନ କରି ଭାରତରେ ବ୍ୟବସାୟ ଚଳାଉଥିବା ବେଳେ ସରକାର କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ସିଏଆଇଟି ପକ୍ଷରୁ ଏସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଥିଲା ବେଳେ ଯଦି କୌଣସି ଇ-କମର୍ସ କମ୍ପାନୀ ଏଫ୍‌ଡିଆଇ ନିୟମ ପାଳନ କରୁନାହାନ୍ତି ତେବେ ସଂପୃକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ପ୍ରତିଶ୍ରୁତି ଦେଇଥିଲେ। ଭାରତରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ମାଧ୍ୟମରେ ବ୍ୟବସାୟ କରୁଥିବା ବିଦେଶୀ କମ୍ପାନୀମାନେ ନୀତି ଅନୁସାରେ ଏବଂ ଆନ୍ତରିକତାର ସହ ସମସ୍ତ ଦିଗର ପାଳନ ପାଇଁ ନିଷ୍ଠାବାନ ହେବା ସହିତ ଘରୋଇସ୍ତରର ଇକମର୍ସ କମ୍ପାନୀମାନେ ମଧ୍ୟ ଜାତୀୟସ୍ତରର ନିୟମ ପାଳନ କରି କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବେ ନାହିଁ ବୋଲି ଶ୍ରୀ ଗୋଏଲ କହିଥିଲେ। ତେବେ ଦିନକୁ ଦିନ ଏହି କମ୍ପାନୀଙ୍କ କାରବାର ବୃଦ୍ଧି ପାଉଥିବା ଏବଂ ସେମାନଙ୍କ ବ୍ୟବସାୟିକ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ସିଏଆଇଟି ଉଦ୍‌ବେଗ ପ୍ରକାଶ କରିବା ସହିତ ସେମାନଙ୍କ ମନୋମୁଖୀ କାର୍ଯ୍ୟକୁ ନିନ୍ଦା କରିଥିଲେ। ଇ-କମର୍ସ କମ୍ପାନୀମାନେ ଗ୍ରାହକମାନଙ୍କୁ ମନ ଇଚ୍ଛା ରିହାତି ଦେବା ସହିତ ସର୍ବନିମ୍ନ ମୂଲ୍ୟରେ ଜିନିଷ ବିକ୍ରି କରୁଛନ୍ତି। ଏପରିକି ଅନେକ ଜିନିଷ କେବଳ ଅନ୍ ଲାଇନ୍‌ରେ ଉପଲବ୍ଧ ବୋଲି କହି ନିଜର ବ୍ୟବସାୟ ବଢାଉଛନ୍ତି। କିନ୍ତୁ ଏହାଦ୍ୱାରା ଯେ, ଖୁବ୍‌ଶୀଘ୍ର ଦେଶୀୟ ବ୍ୟବସାୟୀଙ୍କ ଘର ଅନ୍ଧାର ହୋଇଯିବ ଏହା ନିଶ୍ଚିତ ବୋଲି ଅଭିଯୋଗ ହୋଇଥିଲା। ଭାରତରେ ଇ-କମର୍ସ କମ୍ପାନୀଙ୍କ ବ୍ୟବସାୟ ବୃଦ୍ଧି ପାଇଁ ବ୍ୟାଙ୍କିଙ୍ଗ ଉଦ୍ୟୋଗ ଏବଂ ଏହି କମ୍ପାନୀମାନଙ୍କ ସହ ଜଡ଼ିତ ରହିଥିବା ବ୍ୟବସାୟୀମାନେ ସମାନ ଆକାରରେ ଦାୟୀ। କାରଣ ଏହି ୩ କ୍ଷେତ୍ରର ମେଣ୍ଟକୁ ନେଇ ସବୁକିଛି ପାଇଁ ପ୍ରୋତ୍ସାହନ ମିଳୁଥିବା ବେଳେ ଇ-କମର୍ସ କମ୍ପାନୀମାନେ ଅନ୍‌ଲାଇନ୍ ବ୍ୟବସ୍ଥାରେ ସର୍ବାଧିକ ରିହାତି ବ୍ୟବସ୍ଥା କରି ଗ୍ରାହକମାନଙ୍କୁ ଆକୃଷ୍ଟ କରିପାରୁଛନ୍ତି ବୋଲି ସିଏଆଇଟି ପକ୍ଷରୁ ଅଭିଯୋଗ କରାଯାଇଥିଲା।

# ନାଗରିକ ସଂଶୋଧନ ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ



**ନୂଆଦିଲ୍ଲୀ :** ସଂସଦ ଭବନରେ ଅନୁଷ୍ଠିତ ହୋଇଥିବା କ୍ୟାବିନେଟ୍ ବୈଠକରେ ନାଗରିକ ସଂଶୋଧନ ବିଲ୍‌କୁ ମଞ୍ଜୁରୀ ମିଳିଚି। କ୍ୟାବିନେଟ୍ ମଞ୍ଜୁରୀ ଦେଇ ସାରିଥିବାରୁ ଆସନ୍ତା ସପ୍ତାହରେ ଏହି ବିଧେୟକ ଲୋକସଭାରେ ଏବଂ ରାଜ୍ୟସଭାରେ ଆଗତ କରିପାରନ୍ତି ସରକାର। ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୧୩ରେ ଶେଷ ହେଉଛି। ଏହାରି ଭିତରେ ନାଗରିକ ସଂଶୋଧନ ବିଧେୟକକୁ କେନ୍ଦ୍ର ସରକାର ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଗୃହୀତ କରିବାକୁ ଯୋଜନା ରଖିଥିବା ସୂଚନା ରହିଛି। ନାଗରିକ ସଂଶୋଧିତ ବିଲ୍‌କୁ ଗୃହୀତ କରିବା ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ହେବ। କଂଗ୍ରେସ, ଏଆଇଏମ୍‌ଆଇଏମ୍ ଓ ଅନ୍ୟାନ୍ୟ ଦଳମାନେ ଏହାକୁ ବିରୋଧ କରିବ ବୋଲି ଦଳୀୟ ନେତାମାନେ କହି ସାରିଛନ୍ତି। ଧର୍ମ ଆଧାରରେ ସରକାର ନାଗରିକତ୍ୱ ପ୍ରଦାନ କିରବାକୁ ଯାଉଛନ୍ତି ବୋଲି ବିରୋଧୀ କହିଛନ୍ତି। ତେବେ ଧର୍ମକୁ ଆଖି ଆଗରେ ରଖି ଏହି ବିଧେୟକ ଆସୁନାହିଁ ବୋଲି ପୂର୍ବରୁ ସରକାର କହି ସାରିଛନ୍ତି। ସୂଚନାଥାଉ କି, ଏହି ସଂଶୋଧନ ବିଧେୟକ ଜରିଆରେ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରୁ ଆସିଥିବା ଅଣମୁସ୍‌ଲିମ୍ ଅଳ୍ପସଂଖ୍ୟକଙ୍କୁ ଭାରତୀୟ ନାଗରିକତ୍ୱ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ବିଲ୍ ଆଇନରେ ପରିଣତ ହେବା ପରେ ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରୁ ଆସିଥିବା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାରସୀ ଓ ଇସାଇ ଭଳି ଅଳ୍ପ ସଂଖ୍ୟକ ସମୁଦାୟର ଲୋକମାନେ ୧୨ ବର୍ଷ ପରିବର୍ତ୍ତେ ୬ ବର୍ଷ ଭାରତରେ ରହିବା ପରେ ନାଗରିକତ୍ୱ ପାଇପାରିବେ। ତେବେ ନାଗରିକତ୍ୱ ମିଳିବା ପୂର୍ବରୁ ଅନେକ ଆବଶ୍ୟକ ଦସ୍ତାବିଜ୍ ଦେବାକୁ ପଡ଼ିବ ବୋଲି ବିଧେୟକରେ ଉଲ୍ଲେଖ ଥିବା ଜଣାପଡିଛି। ମୋଦି ସରକାରରେ ମଧ ଏହି ବିଲ୍ ୧୫ ଜୁଲାଇ ୨୦୧୬ରେ ଆଗତ କରାଯାଇଥିଲା। ବିରୋଧ ଯୋଗୁ ରାଜ୍ୟସଭାରେ ଏହା କାଟ୍ ଖାଇଥିଲା। ଏନ୍‌ଆରସି ୧୯୫୫ ଅଧିନିୟମ ଅନୁଯାୟୀ କୌଣସି ପାସ୍‌ପୋର୍ଟ ଓ ଭିସା ବିନା ଆସି ଭାରତରେ ଅଧିକ ଦିନ ରହିଯାଇଥିଲେ ସେମାନଙ୍କୁ ଅନୁପ୍ରବେଶକାରୀ ବୋଲି ଗଣାଯିବ। ଲୋକସଭାରେ ଶାସନ ଦଳର ସଂଖ୍ୟା ଗରିଷ୍ଠତା ଥିବାରୁ ବିଧେୟକ ଗୃହୀତ ହେବା ଏକ ପ୍ରକାର ସୁନିଶ୍ଚିତ। ହେଲେ ରାଜ୍ୟସଭାରେ ଏହି ସଂଶୋଧିତ ବିଲ୍‌କୁ କଡା ଚ୍ୟାଲେଞ୍ଜ ହେବ। ପୂର୍ବରୁ ମଧ ଏହି ବିଧେୟକକୁ ନେଇ କୋର୍ଟରେ ମାମଲା ଦାୟର ହୋଇସାରିଛି।

## ଭାରତୀୟ କମ୍ପାନୀ ସହ ପ୍ରତିରକ୍ଷା ମନ୍ତ୍ରଣାଳୟର ନୂଆ ଚୁକ୍ତି

**ନୂଆଦିଲ୍ଲୀ :** ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ଭାରତୀୟ କମ୍ପାନୀଗୁଡ଼ିକୁ ୧୮୦ରୁ ଊର୍ଦ୍ଧ୍ୱ ଚୁକ୍ତି ଦିଆଯାଇଛି। ଏହି ଚୁକ୍ତିଗୁଡ଼ିକର ମୂଲ୍ୟ ୧,୯୬,୦୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ମନ୍ତ୍ରଣାଳୟ ତରଫରୁ ଜାରି ହୋଇଥିବା ବିବୃତିରେ ଉଲ୍ଲେଖ କରାଯାଇଛି। ଉକ୍ତ ବିବୃତି ଜରିଆରେ ବିଗତ ପାଞ୍ଚବର୍ଷ ମଧ୍ୟରେ ହୋଇଥିବା କେତେକ ବଡ଼ ଚୁକ୍ତି ସହିତ ଜଡ଼ିତ ତଥ୍ୟ ସମ୍ବନ୍ଧରେ ମଧ୍ୟ ଖୁଲାସା କରାଯାଇଛି। ପ୍ରତିରକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ସଫଳ ହେଉନଥିବା ନେଇ ଆଲୋଚନା ଜାରି ରହିଥିବା ସମୟରେ ମନ୍ତ୍ରଣାଳୟ ତରଫରୁ ଏହି ତଥ୍ୟ ଜାରି କରାଯାଇଛି। ବିବୃତିରେ କୁହାଯାଇଛି ଯେ, ୨୦୧୪ରୁ ଭାରତୀୟ ଉଦ୍ୟୋଗ ସହ ୧,୯୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୮୦ରୁ ଊର୍ଦ୍ଧ୍ୱ ଚୁକ୍ତି ସ୍ୱାକ୍ଷର କରାଯିବା ସହ ଭବିଷ୍ୟତରେ ଆଉ କେତେକ ଚୁକ୍ତି ସ୍ୱାକ୍ଷର କରାଯିବାର ସମ୍ଭାବନା ରହିଛି।

# ନିର୍ଭୟା ଗଣଦୁଷ୍କର୍ମ : ଫାଶୀ ଦେବାକୁ ନାହାନ୍ତି ଜହ୍ଲାଦ

**ନୂଆଦିଲ୍ଲୀ :** ଦିଲ୍ଲରେ ୨୦୧୨ ଡିସେମ୍ବରରେ ଏକ ଚଳନ୍ତା ବସ୍ ଭିତରେ ମେଡିକାଲ ଛାତ୍ରୀ ନିର୍ଭୟା ସହ ଗଣ ଦୁଷ୍କର୍ମ ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ସାରା ଦେଶ ଏହି ଘଟଣାକୁ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜରାସ୍ତାକୁ ଓହ୍ଲାଇ ଆସିଥିଲା। ଏହାପରେ ତଦନ୍ତ କରାଯାଇ ଦୋଷୀଙ୍କୁ ଗିରଫ କରାଯାଇ ତିହାର ଜେଲକୁ ପଠାଇ ଦିଆଯାଇଥିଲା। ଏହି ଘଟଣାରେ କୋର୍ଟ ମଧ୍ୟ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ଆଉ ମାତ୍ର କିଛି ଦିନ ମଧ୍ୟରେ ଦୋଷୀଙ୍କ ଫାଶୀ ଦିଆଯିବାର ଥିବା ବେଳେ ତିହାର ଜେଲରେ ଦୋଷୀଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇଲା ପାଇଁ କେହି ଜହ୍ଲାଦ ନଥିବା ଖବର ସାମ୍ନାକୁ ଆସିଛି। ନିର୍ଭୟା ଘଟଣାରେ ଏହି ଦୋଷୀମାନଙ୍କ ପାଖରେ ଫାଶୀ ଦଣ୍ଡାଦେଶରୁ ବର୍ତ୍ତିବାର କୌଣସି ବିକଳ୍ପ ନାହିଁ ଦୋଷୀଙ୍କ ପାଖରେ ରାଷ୍ଟ୍ରପତିଙ୍କ ପାଖରୁ ରାଜକ୍ଷମା ଆବେଦନ କରିବାର ଏକ ବିକଳ୍ପ ରହିଥିଲା। ମାତ୍ର ଏହାକୁ କେନ୍ଦ୍ର ସରକାର ଖାରଜ କରି ଦେଇଛନ୍ତି। ତେବେ ଏକ ମାସ ମଧ୍ୟରେ ଦୋଷୀଙ୍କୁ ଫାଶୀଖୁଣ୍ଟରେ ଝୁଲିବାକୁ ପଡିବ। କିନ୍ତୁ ତିହାର ଜେଲ ପ୍ରଶାସନଙ୍କ ପାଖରେ ଜହ୍ଲାଦ ନଥିବା କଥା ସାମ୍ନାକୁ ଆସିବା ପରେ ଦୋଷୀଙ୍କୁ କିଏ ଫାଶୀ ଖୁଣ୍ଟରେ ଚଢ଼ାଇବ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହାପୂର୍ବରୁ ମଧ ସଂସଦ ଆକ୍ରମଣ ଘଟଣାରେ ଦୋଷୀ ଅଫଜଲ ଗୁରୁକୁ ତିହାର ଜେଲରେ ଫାଇ ଦିଆଯାଇଥିଲା। ଏହି ସମୟରେ ମଧ ତିହାର ଜେଲରେ ଜହ୍ଲାଦ ନଥିଲେ। ଏହି ସମୟରେ ଜେଲ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜଣେ ଜେଲ କର୍ମଚାରୀ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ସୂଚନାଥାଉ କି, ତିହାର ଜେଲ କର୍ତ୍ତୃପକ୍ଷ ଏହି ଜହ୍ଲାଦ ସମସ୍ୟାରୁ ମୁକ୍ତି ପାଇଁ ଅନ୍ୟ ଜେଲ ମାନଙ୍କ ସହ କଥାବାର୍ତ୍ତା କରୁଛନ୍ତି। ଅନ୍ୟ ଜେଲରେ କେହି ଜହ୍ଲାଦ ଥିଲେ ସେମାନେ ତାଙ୍କୁ ଆଣି କାର୍ଯ୍ୟ ସମ୍ପାଦନ କରିବେ। ଏଥିପାଇଁ ଉତ୍ତରପ୍ରଦେଶର କିଛି ଅଞ୍ଚଳରେ ମଧ୍ୟ ତିହାର ଜେଲ କର୍ତ୍ତୃପକ୍ଷ ଜହ୍ଲାଦ ଖୋଜିବା ଜାରି ରଖିଛନ୍ତି। ତେବେ ବର୍ତ୍ତମାନର ସ୍ଥିତିକୁ ଦେଖିବାକୁ ଗଲେ ତିହାର ଜେଲରେ ଜହ୍ଲାଦ ପୋଷ୍ଟ ପାଇଁ କାହାକୁ ନିଯୁକ୍ତ କରାଯିବ ନାହିଁ। ବରଂ ଚୁକ୍ତିଭିତ୍ତିକ ଭାବରେ ଜଣଙ୍କୁ ନିଯୁକ୍ତ କରିବା ପାଇଁ ପ୍ରଶାସନ ବିକଳ୍ପ ଭାବିଛି। ଜେଲର ଜଣେ ଅଧିକାରୀ କହିଛନ୍ତି ଫାଶୀ ଦଣ୍ଡାଦେଶ ବହୁତ କମ୍ ଲୋକଙ୍କୁ ହୋଇଥାଏ। ଏହି କାରଣରୁ ଜଣେ ସବୁଦିନିଆ ଜହ୍ଲାଦର କୌଣସି ଆବଶ୍ୟକତା ପଡେ ନାହିଁ। ଅନ୍ୟ ପକ୍ଷରେ ଜହ୍ଲାଦ ପୋଷ୍ଟ ପାଇଁ ଜଣେ ସ୍ଥାୟୀ କର୍ମଚାରୀ ପାଇବା ବି ମୁସ୍କିଲ।

# 'ବିକ୍ରମ' ଠାବ ପଛରେ ଭାରତୀୟ ଇଞ୍ଜିନିୟର

**ଚେନ୍ନାଇ :** ଚନ୍ଦ୍ରଯାନ-୨ ଉତ୍କ୍ଷେପଣର ପ୍ରାୟ ୩ମାସ ପରେ ଲ୍ୟାଣ୍ଡର 'ବିକ୍ରମ'ର ଭଗ୍ନାବଶେଷ ଚନ୍ଦ୍ରପୃଷ୍ଠରେ ଠାବ ହୋଇଛି। ବିକ୍ରମ ଯେଉଁ ସ୍ଥାନରେ କ୍ରାଶ୍ ଲ୍ୟାଣ୍ଡିଂ କରିଥିଲା ତାହାର ୭୫୦ ମିଟର ଦୂରରେ ଚନ୍ଦ୍ରପୃଷ୍ଠରେ ଏହାର ଭଗ୍ନାବଶେଷ ପଡିଥିବା ନେଇ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଫଟୋ ଜାରି କରାଯାଇଛି। ତେବେ ଏହି ଭଗ୍ନାଂଶ ଠାବ କରିବା ପଛରେ ଜଣେ ଭାରତୀୟ ମେକାନିକାଲ ଇଞ୍ଜିନିୟରଙ୍କ ବଡ଼ ଭୂମିକା ରହିଛି। ତାଙ୍କ ସୂଚନା ଆଧାରରେ ନାସା ବିକ୍ରମର ଭଗ୍ନାବଶେଷ ଠାବ କରିବାରେ ସଫଳ ହୋଇଛି। ଏହାପରେ ନାସା ପକ୍ଷରୁ ତାଙ୍କୁ ଧନ୍ୟବାଦ ଦିଆଯାଇଛି। ଏହି ଯୁବ ଇଞ୍ଜିନିୟର ଜଣକ ହେଲେ ଚେନ୍ନାଇର ଶନମୁଗା ସୁବ୍ରମଣ୍ୟମ। ସୁବ୍ରମଣ୍ୟମ ନାସାର ଫଟୋଗୁଡିକୁ ଅନୁଧ୍ୟାନ ଏବଂ ବିଶ୍ଲେଷଣ କରି ବିକ୍ରମର ପତ୍ତା ଲଗାଇବାରେ ସଫଳ ହୋଇଛନ୍ତି। ସୁବ୍ରମଣ୍ୟମ ଜଣେ ମେକାନିକାଲ ଇଞ୍ଜିନିୟର ଏବଂ କମ୍ପ୍ୟୁଟର ପ୍ରୋଗ୍ରାମର ଅଟନ୍ତି। ସେ ଲେନୋସ ଇଣ୍ଡିଆ



ଟେକ୍ନୋଲୋଜି ସେଣ୍ଟରରେ କାମ କରୁଛନ୍ତି। ମଦୁରାଇରେ ରହୁଥିବା ସୁବ୍ରମଣ୍ୟମ ଏହା ପୂର୍ବରୁ କଗ୍ନିଜାଣ୍ଟରେ ପ୍ରୋଗ୍ରାମର ଆନାଲିଷ୍ଟ ଭାବେ କାର୍ଯ୍ୟରତ ଥିଲେ। ସୁବ୍ରମଣ୍ୟମଙ୍କ କହିବା ଅନୁସାରେ ସେ ନାସାର ଲୁନାର ରିକନେନ୍ସ ଅର୍ବିଟର (ଏଲଆରଓ) ଦ୍ୱାରା ସେପ୍ଟେମ୍ବର ୧୭, ଅକ୍ଟୋବର ୧୪ ଓ ୧୫ ଏବଂ ନଭେମ୍ବର ୧୧ରେ ଯେଉଁ ଫଟୋ ଉତ୍ତୋଳନ କରାଯାଇଥିଲା ତାହାକୁ ନିରୀକ୍ଷଣ କରିଥିଲେ। ପ୍ରାୟ ୧ ସପ୍ତାହ ପର୍ଯ୍ୟନ୍ତ ସେ ଫଟୋଗୁଡିକୁ ଅନୁଧ୍ୟାନ କରିବା ପରେ ବିକ୍ରମର ଭଗ୍ନାବଶେଷ ଠାବ କରିଥିଲେ। ବିକ୍ରମର ଭଗ୍ନାବଶେଷ ଠାବ କରିବା ପରେ ସୁବ୍ରମଣ୍ୟମ ଏ ସମ୍ପର୍କରେ ନାସାକୁ ଅବଗତ କରାଇଥିଲେ। ଏହାପରେ ନାସା ପକ୍ଷରୁ କିଛି ଦିନ ପାଇଁ ସୁବ୍ରବଣ୍ୟମଙ୍କ ତଥ୍ୟର ଅନୁଧ୍ୟାନ କରାଯାଇଥିଲା ଏବଂ ଶେଷରେ ଏହାକୁ ନିଶ୍ଚିତ କରାଇଥିଲେ। ଏହାପରେ ନାସା ପକ୍ଷଣୁ କିଛିଦିନ ପାଇଁ ସୁବ୍ରମଣ୍ୟମଙ୍କ ତଥ୍ୟର ଅନୁଧ୍ୟାନ କରାଯାଇଥିଲଶ ଏବଂ ଶେଷରେ ଏହାକୁ ନିଶ୍ଚିତ କରାଯାଇଥିଲା। ନାସାର ଡେପୁଟି ପ୍ରୋଜେକ୍ଟ ସାଇଣ୍ଟିଷ୍ଟ (ଏଲଆରଓ ମିଶନ) ଜନ୍ କେଲର ସୁବ୍ରମଣ୍ୟମଙ୍କୁ ଇ-ମେଲ୍ କରିଥିଲେ। ଆମକୁ ବିକ୍ରମ ଲ୍ୟାଣ୍ଡରର ଭଗ୍ନାବଶେଷ ଠାବ କରିବା ନେଇ ସୂଚନା ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ ବୋଲି କେଲର ଉଲ୍ଲେଖ କରିଥିଲେ। କେଲର ଆହୁରି କହିଥିଲେ ଯେ, ଆମ ଟିମ୍ ସ୍ପଷ୍ଟ କରୁଛି ଯେ, ଲ୍ୟାଣ୍ଡିଂ ସ୍ଥାନର ପୂର୍ବ ଏବଂ ପରବର୍ତ୍ତୀ ସମୟର ଫଟୋରେ ପାର୍ଥକ୍ୟ ରହିଛି। ଆପଣଙ୍କ ଠାରୁ ସୂଚନା ମିଳିବା ପରେ ଟିମ୍ ଉକ୍ତ ଅଞ୍ଚଳକୁ ଅଧିକ ଛାନବିନ୍ କରିଛି ଏବଂ ଏହା ଆଧାରରେ ଘୋଷଣା କରାଯାଉଛି ଯେ, ନାସା ଏବଂ ଏଏସ୍‌ୟୁ ପେଜରେ ଆପଣଙ୍କୁ ଏହି ଅନୁସନ୍ଧାନ ପାଇଁ ଶ୍ରେୟ ଦିଆଯାଉଛି।

# ଜାନୁଆରୀ ପହିଲାରୁ 'ପିପିଆରଟିଏମଏସ' ଲାଗୁ

**ନୂଆଦିଲ୍ଲୀ :** ଭାରତର ନିର୍ବାଚନ ଆୟୋଗ ରାଜନୈତିକ ଦଳଗୁଡ଼ିର ପଞ୍ଜିକରଣ ପ୍ରକ୍ରିୟା ଏବଂ ପ୍ରଣାଳୀର ସମୀକ୍ଷା କରିଛି। ଏ ସଂକ୍ରାନ୍ତରେ ଜାନୁଆରୀ ପହିଲା, ୨୦୨୦ ପରଠାରୁ ନୂତନ ନିୟମାବଳୀ ଲାଗୁ କରାଯିବ। ଆବେଦନର ସ୍ଥିତି ସମ୍ପର୍କରେ ଜାଣିବା ଲାଗି ଏକ ଅନଲାଇନ ପୋର୍ଟାଲ ମାଧ୍ୟମରେ 'ରାଜନୈତିକ ଦଳ ପଞ୍ଜିକରଣ ଟ୍ରାକିଂ ପରିଚାଳନା ପ୍ରଣାଳୀ' (ପିପିଆରଟିଏମଏସ) ଲାଗୁ କରାଯିବ। ପିପିଆରଟିଏମଏସର ମୁଖ୍ୟ ବିଶେଷତ୍ୱ ହେଉଛି ଆବେଦନକାରୀ (୧ ଜାନୁଆରୀ, ୨୦୨୦ ଠାରୁ ରାଜନୈତିକ ଦଳ ପଞ୍ଜିକରଣ ନିମନ୍ତେ ଆବେଦନକାରୀ) ନିଜ ଆବେଦନର ଅଗ୍ରଗତି ସମ୍ପର୍କରେ ଜାଣିପାରିବେ ଏବଂ ଏସଏମଏସ ଓ ଇ-ମେଲ ଜରିଆରେ ସଦ୍ୟତମ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ। ଏଥିପାଇଁ ଆବେଦନକାରୀଙ୍କୁ ନିଜ ଆବେଦନରେ ଦଳ/ଆବେଦନକାରୀଙ୍କ ମୋବାଇଲ ନମ୍ବର ଏବଂ ଇ-ମେଲ ଠିକଣା ଉଲ୍ଲେଖ କରିବାକୁ ହେବ। ଭାରତର ନିର୍ବାଚନ ଆୟୋଗଙ୍କ ୱେବସାଇଟ **https://eci.gov.in**ରେ ନୂଆ ନିୟମାବଳୀ ଉପଲବ୍ଧ। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯-ଏ ର ବ୍ୟବସ୍ଥା ଦ୍ୱାରା ରାଜନୈତିକ ଦଳଗୁଡ଼ିକର ପଞ୍ଜିକରଣ ନିୟନ୍ତ୍ରିତ ହୋଇଥାଏ। ଏହି ଧାରା ଅନ୍ତର୍ଗତ ନିର୍ବାଚନ ଆୟୋଗରେ ପଞ୍ଜିକରଣ ଲାଗି ଇଚ୍ଛୁକ ଦଳ ଗଠନ ହେବା ତାରିଖର ୩୦ ଦିନ ମଧ୍ୟରେ ନାମ, ଠିକଣା, ବିଭିନ୍ନ ୟୁନିଟର ସଦସ୍ୟତା ବିବରଣୀ, ପଦାଧିକାରୀଙ୍କ ନାମ ଆଦି ମୌଳିକ ବିବରଣୀ ସହିତ ନିର୍ଦ୍ଧାରିତ ଫର୍ମରେ ଆୟୋଗଙ୍କ ନିକଟରେ ଆବେଦନ ଦାଖଲ କରିବାକୁ ହୋଇଥାଏ। ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଜନପ୍ରତିନିଧି ଆଇନ ୧୯୫୧ର ଧାରା ୨୯ଏ ର ଉପଧାରା (୪) ଏବଂ ଉପଧାରା (୬) ଅନ୍ତର୍ଗତ ଏସବୁ ବିବରଣୀ ଦାଖଲ କରିବା ଆବଶ୍ୟକ। ଏହା ମଧ୍ୟ ପଞ୍ଜିକରଣ ଲାଗି ଉଦ୍ଦିଷ୍ଟ ନିୟମାବଳୀରେ ଉଲ୍ଲେଖ କରାଯାଇଛି।

# ୧୩୦ କୋଟି ଭାରତୀୟଙ୍କ ସୁରକ୍ଷା ଦାୟିତ୍ୱ ସରକାରଙ୍କର : ଶାହ

**ନୂଆଦିଲ୍ଲୀ, (ପିଆଇବି):** ସଂସଦରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ-ଏସପିଜି (ସଂଶୋଧନ) ବିଲ, ୨୦୧୯ ଅନୁମୋଦନ ଲାଭ କରିଛି। ଏହି ବିଲ ସମ୍ପର୍କରେ ହୋଇଥିବା ବିତର୍କରେ ଉତର ରଖି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ମୂଳ ଆଇନର ଉଦ୍ଦେଶ୍ୟ ଅନୁଯାୟୀ, ଏସପିଜି କେବଳ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରୁଛି। କାରଣ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରଧାନମନ୍ତ୍ରୀ ହେଉଛନ୍ତି ସରକାରର ମୁଖ୍ୟ। ତେଣୁ ଏହା ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ସୁରକ୍ଷା ବ୍ୟବସ୍ଥା କରିବା ସହିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଆବାସକୁ ସୁରକ୍ଷା ଦେଇଥାଏ। ଏହା ସମ୍ମାନର ପ୍ରତୀକ ହେବା ଉଚିତ ନୁହେଁ ଏବଂ ଏହି ବ୍ୟବସ୍ଥାରେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ପରିବାରକୁ ସୁରକ୍ଷା ଦେବା ଲାଗି ସ୍ୱତନ୍ତ୍ର ସୁରକ୍ଷାବାହିନୀକୁ ନିୟୋଜିତ କରାଯିବା ଉଚିତ ନୁହେଁ। ଶ୍ରୀ ଶାହ ଆହୁରି କହିଥିଲେ ଯେ ୧୩୦ କୋଟି ଭାରତବାସୀଙ୍କ ସୁରକ୍ଷା ଦାୟିତ୍ୱ ଭାରତ ସରକାରଙ୍କର ଏବଂ ଏମାନଙ୍କ ମଧ୍ୟରେ ସମ୍ପୃକ୍ତ ପରିବାର ମଧ୍ୟ ଆସୁଛନ୍ତି। ଗୃହ ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ସାଧାରଣରେ ଏପରି ଏକ ଧାରଣା ସୃଷ୍ଟି କରାଯାଉଛି ଯେ କେବଳ ଗାନ୍ଧୀ ପରିବାର ଠାରୁ ଏସପିଜି ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିବା ଉଦ୍ଦେଶ୍ୟରେ ଏସପିଜି ଆଇନରେ ସଂଶୋଧନ କରାଯାଉଛି। ମାତ୍ର ଏହା ସତ୍ୟ ନୁହେଁ। ଗାନ୍ଧୀ ପରିବାର ସୁରକ୍ଷା ସ୍ତର ପ୍ରତ୍ୟାହାର କରାଯାଉନାହିଁ ବରଂ ପରିବର୍ତନ କରାଯାଉଛି। ଏହାକୁ ଏସପିଜିରୁ ବଦଳାଇ ଜେଡପ୍ଲସ ସହିତ ଏଏସଏଲ (ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା) ଏବଂ ୨୪ ଘଂଟିଆ ଆମ୍ବୁଲାନ୍ସ ବ୍ୟବସ୍ଥାରେ ପରିଣତ କରାଯାଇଛି। ଆଇନର ପୁରୁଣା ବ୍ୟବସ୍ଥା ଆଧାରରେ ବିପଦ ଆଶଙ୍କାକୁ ଦେଖି ଏହା କରାଯାଇଛି ଏବଂ ଉକ୍ତ ପରିବାରକୁ ଦେଶର ଗୃହ ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀଙ୍କ ଭଳି ସୁରକ୍ଷା ବ୍ୟବସ୍ଥା ଦିଆଯାଇଛି। ତେଣୁ ଗୃହମନ୍ତ୍ରୀ ଜୋର ଦେଇ କହିଥିଲେ ଯେ ଗୋଟିଏ ପରିବାର ବିରୋଧରେ ରାଜନୈତିକ ପ୍ରତିଶୋଧ ଭାବନାର ପ୍ରଶ୍ନ ଉଠୁନାହିଁ। ସେମାନଙ୍କ ସୁରକ୍ଷାରେ ଏପରି ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି ଯେଉଁମାନେ ସେମାନଙ୍କ କ୍ୟାରିଅରରେ ଏସପିଜି ତାଲିମ ନେଇଛନ୍ତି। ବିରୋଧୀଙ୍କ ପକ୍ଷରୁ ହେଉଥିବା ସମାଲୋଚନାକୁ ଖଣ୍ଡନ କରି ଶ୍ରୀ ଶାହ କହିଥିଲେ ଯେ ଏହି ବ୍ୟବସ୍ଥା ଦ୍ୱାରା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ହିଁ ସବୁଠୁ ଅଧିକ



କ୍ଷତିଗ୍ରସ୍ତ ହେବେ। କାରଣ ତାଙ୍କର ପ୍ରଧାନମନ୍ତ୍ରୀ କାର୍ଯ୍ୟକାଳ ସରିବା ମାତ୍ରେ ସେ ଏସପିଜି ସୁରକ୍ଷା ହରାଇବେ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ପୂର୍ବରୁ ଅନେକ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଏସପିଜି ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରାଯାଇଛି, ମାତ୍ର ସେତେବେଳେ କେହି ଏହାର ପ୍ରତିବାଦ କରିନଥିଲେ। ପ୍ରିୟଙ୍କା ଗାନ୍ଧୀଙ୍କ ବାସଭବନରେ ସୁରକ୍ଷା ଭଙ୍ଗ ସମ୍ପର୍କରେ ପ୍ରତିକ୍ରିୟା ରଖି ଶ୍ରୀ ଶାହ କହିଥିଲେ ଯେ ଆଗନ୍ତୁକ ଲୋକମାନେ କଂଗ୍ରେସ ଦଳର କର୍ମୀ ଥିଲେ। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଭିତରକୁ ଯିବା ଲାଗି ଅନୁମତି ଦେଇଥିଲେ। ଏହା ସତ୍ତ୍ୱେ ସରକାର ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ ଆଦେଶ ଦେଇଛନ୍ତି। ତିନି ଜଣ ସୁରକ୍ଷା କର୍ମୀଙ୍କୁ ନିଲମ୍ବିତ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ବିଲ ପୂର୍ବରୁ ନଭେମ୍ବର ୨୭, ୨୦୧୯ରେ ଲୋକସଭାରେ ଅନୁମୋଦନ ଲାଭ କରିଥିଲା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୯ - ୧୫ ଡିସେମ୍ବର, ୨୦୧୯



ପରିକ୍ରମା

## ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଆର୍‌ଟିଓରେ ଏଜେଣ୍ଟ ନିଯୁକ୍ତି କର



**କଟକ :** ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପରିସରକୁ ଏଜେଣ୍ଟ ମୁକ୍ତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ଏଜେଣ୍ଟ୍ ଉଚ୍ଛେଦ ଆରମ୍ଭ କରିଥିବାବେଳେ ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏଥିରେ ଏଜେଣ୍ଟମାନଙ୍କୁ ଆର୍‌ଟିଓ ପରିସରରେ ପୂର୍ବପରି ବସିବାକୁ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଏପରି ଆବେଦନର ଶୁଣାଣି କରି ଆର୍‌ଟିଓ ପରିସରରେ ଏଜେଣ୍ଟ୍ ବସିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ତେବେ ସେମାନଙ୍କୁ ଯଥା ସମ୍ଭବ ଥଇଥାନ କରିବାକୁ ହାଇକୋର୍ଟର ବିଚାରପତି ବିଶ୍ୱନାଥ ରଥ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ପ୍ରସ୍ତାବିତ କିଓସ୍କୋରେ ନିଯୁକ୍ତି ଦେବାକୁ କହିଛନ୍ତି। ସେହିପରି କିଓସ୍କୋରେ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟର୍‌ସମାନଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ଅଦାଲତ ଆଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଆର୍‌ଟିଓରେ କେତେ ସଂଖ୍ୟକ ଏଜେଣ୍ଟ୍ ରହିଛନ୍ତି ସେମାନଙ୍କୁ ଚିହ୍ନଟ କରିବାକୁ ହାଇକୋର୍ଟ ରାଜ୍ୟ ପରିବହନ କମିଶନରଙ୍କୁ କହିଛନ୍ତି। ଏସବୁ ପ୍ରକ୍ରିୟା ଦୁଇ ମାସ ମଧ୍ୟରେ ଶେଷ ହେବା ଉଚିତ୍। ମାମଲାର ବିବରଣୀ ଅନୁଯାୟୀ କେନ୍ଦ୍ର ସରକାର ମୋଟରଯାନ ଆଇନରେ ସଂଶୋଧନ ଆଣିବା ପରେ ଏହାକୁ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଜୋରିମାନା ରାଶିକୁ ଦ୍ୱିଗୁଣିତ କରିଥିଲେ। ରାଜ୍ୟ ସରକାର ସଂଶୋଧିତ ମୋଟରଯାନ ଆଇନ ୧୯୮୮କୁ କଡ଼ାକଡ଼ି କରିବା ପରେ ପ୍ରତ୍ୟେକ ଦିନ ନିୟମ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଜୋରିମାନା ଆଦାୟ କରାଯାଇଥିଲା। ଏଥିଯୋଗୁଁ ଗାଡ଼ି ଚଳାଉଥିବା ବ୍ୟକ୍ତି ବିଶେଷ ନିଜର ଲାଇସେନ୍ସ ତଥା ଗାଡ଼ି କାଗଜପତ୍ର ଠିକ୍ କରିବାକୁ ତତ୍ପରତା ପ୍ରକାଶ କଲେ। ଫଳରେ ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରି ଭିଡ଼ର ଭରପୂର ଫାଇଦା ନେଇ ଏଜେଣ୍ଟମାନେ ଲାଇସେନ୍ସ ପାଇବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବିଶେଷଙ୍କୁ ମନଇଚ୍ଛା ଲୁଟି ଚାଲିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ପରିବହନ ବିଭାଗ ସଚେତନ ହୋଇଥିଲା। ଗତ ସେପ୍ଟେମ୍ବର ୨୭ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟର ସମସ୍ତ ଆର୍‌ଟିଓ ପରିସରରୁ ଏଜେଣ୍ଟମାନଙ୍କୁ ଉଚ୍ଛେଦ କରିଥିଲେ। ବିଜ୍ଞପ୍ତି ନମାନି ଆର୍‌ଟିଓ କାର୍ଯ୍ୟାଳୟରେ ଏଜେଣ୍ଟମାନେ ପ୍ରବେଶ କରିବାରୁ ସେମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଗିରଫ କରାଯାଇଥିଲା। ଏହା ପରେ ରାଜ୍ୟ ସରକାରଙ୍କ ପୂର୍ବ ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ପେଟପାଟଣା ଦୃଷ୍ଟିରୁ ସେମାନଙ୍କୁ ଆର୍‌ଟିଓ ପରିସରରେ ବସିବାକୁ ଅନୁମତି ଦେବାକୁ ପ୍ରାର୍ଥନା କରାଯାଇଥିଲା।

# ଭଗବତ ଗୀତାରେ ସମସ୍ତ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ ଉପଲବ୍ଧ : ରାଜ୍ୟପାଳ

**ଭୁବନେଶ୍ୱର :** ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଜଟଣୀ କ୍ୟାମ୍ପସରେ ସପ୍ତମ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଦର୍ଶକଭାବେ ଓଡିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଶ୍ରୀ ଗଣେଶୀଲାଲ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ । ସେକହିଥିଲେ ଯେ, ନିଜ ଭିତରେ ନିଜର ପରିଚୟ ସୃଷ୍ଟି କରିପାରିଲେ ହିଁ ତାହା ପ୍ରକୃତ ଶିକ୍ଷା ବୋଲି କହି ପାରିବା। ମହାଭାରତରରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନ ମଧ୍ୟରେ ହୋଇଥିବା ଆଲୋଚନା ତଥା ଭଗବତ୍ ଗୀତାର ବଳିଷ୍ଠ ଉଦାହରଣ



ଦେଇ କହିଥିଲେକି ଏଥିରେ ସମସ୍ତ ଆଧୁନ୍ମିକ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳ ଉପଲବ୍ଧ ରହିଛି। ଯାହାକି ଗବେଷଣା ଜରୁରୀ ଯେଉଁଥିରେକି ବୈଷୟିକ ଶିକ୍ଷା କିପରି ଆଧାତ୍ମିକ ଓ ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବେଶିତ ସେନେଇ ସଂସ୍କୃତ ଶ୍ଳୋକରେ ଉପାଦେୟ ବକ୍ତବ୍ୟ ଦେଇଥିଲେ ରାଜ୍ୟପାଳ। ଅନ୍ୟପକ୍ଷରେ ଭାରତ ସରକାରଙ୍କ ଦକ୍ଷତା ବିକାଶ ବିଭାଗର କେନ୍ଦ୍ରିୟ ସଚୀବ ଡ. କେପି କ୍ରିଶନନ୍ ଏବଂ ବେସାମରିକ ବିମାନ ଚଳାଚଳ ବିଭାଗ ସଚୀବ ପ୍ରଦୀପ ସିଂ ଖାରୋଲା ଅନ୍ୟତମ ଅତିଥିଭାବେ ଯୋଗଦେଇ ସେଂଚରିୟାନ୍ ବିଶ୍ୱ ବିଦ୍ୟାଳୟ ବିଭିନ୍ନ ବିଷୟରେ କିପରି ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ନେଇ କାମ କରୁଛି ସେ ସମ୍ପର୍କରେ ସୂଚନା ଦେବା ସହିତ ମୂଲ୍ୟବୋଧ ଭିତିକ ଶିକ୍ଷା ଗ୍ରହଣ କରି ନିଜର କର୍ମ ସଂସ୍ଥାନ ଗଢ଼ି ତୋଳିବା ସହ ଦେଶ ବିକାଶରେ ନିଜକୁ ନିୟୋଜିତ କରିବାକୁ ଡିଗ୍ରିଧାରୀ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇ ସପଥ ପାଠ କରାଇଥିଲେ । ଏହିଅବସରରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପ ସଭାପତି ଡି ଏନ୍ ରାଓ, କୁଳପତି ସୁପ୍ରିୟା ପଟ୍ଟନାୟକ ସହ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ । ଏହି ପରି ପ୍ରେକ୍ଷିରେ ୯ଜଣଙ୍କୁ ସ୍ୱର୍ଣ୍ଣପଦକ, ୧୨ଜଣଙ୍କୁ ପିଏଚ୍‌ଡି, ୪୫ଜଣଙ୍କୁ ଏମ୍ଫିଲ୍, ୧୭ଜଣଙ୍କୁ ଏମ୍‌ଟେକ୍, ୪୯ଜଣଙ୍କୁ ଏମ୍ବିଏ, ୪୨୩ଜଣଙ୍କୁ ଏମ୍‌ଏସସି, ୨ଜଣଙ୍କୁ ଏମ୍‌ଏ, ୨୫୨ଜଣଙ୍କୁ ବିଏସସି, ୩ଜଣ ବିଏ, ୫୦୨ବିଟେକ, ୩ଜଣ ବିଆକ, ୩୨ବିବିଏ, ୧୦ବିକମ, ୭ବିସିଏ, ୨୭୩ବିଏସ୍‌ସି, ୨୦୫ ଡିପ୍ଲୋମା ଏବଂ ୫୫ଜଣଙ୍କୁ ଡିଫାର୍ମା ଡିଗ୍ରୀ ପ୍ରାଦାନ କରାଯାଇଥିଲା ।

# 'ମାର୍ଚ୍ଚ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ଶେଷ କର'

**ଭୁବନେଶ୍ୱର :** ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ସ୍ଥାନୀୟ ରାଜୀବ ଭବନ ସ୍ଥିତ ଜଳ ସମ୍ପଦ ବିଭାଗର ସମ୍ମିଳନୀ କକ୍ଷରେ ଜଳ ସମ୍ପଦ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି । ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପ ପାଇଁ ଖର୍ଚ୍ଚ ଅଟକଳ, ଆବଶ୍ୟକତା ଅନୁସାରେ ସପ୍ଲିମେଂଟାରୀ ବଜେଟ୍‌ରେ ବିଭାଗକୁ ଦିଆଯାଇଥିବା ଅଧିକ ଅର୍ଥକୁ ଆଧାରକରି ଯେଉଁ ନୂତନ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଛି, ତାହାକୁ ଦୃଷ୍ଟିରେରଖି ବିଭିନ୍ନ ସ୍ତରରେ କାର୍ଯ୍ୟକରୁଥିବା ଯନ୍ତ୍ରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବାକୁ ମନ୍ତ୍ରୀ ଶ୍ରୀ ଦାସ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ଖର୍ଚ୍ଚ ଅଟକଳ କେତେ ଥିଲା, ସେଥିରୁ ନଭେମ୍ବର ମାସ ଶେଷ ସୁଦ୍ଧା କେତେ କାର୍ଯ୍ୟ ସରିଛି, ଚଳିତ ଡିସେମ୍ବର ମାସ ସୁଦ୍ଧା କେତେ କାର୍ଯ୍ୟ ଶେଷ ହୋଇପାରିବ ଏବଂ ଆଗାମୀ ଜାନୁଆରୀରୁ ମାର୍ଚ୍ଚ ମାସ ଶେଷ ସୁଦ୍ଧା କେତେ ଧାର୍ଯ୍ୟ ଲକ୍ଷ୍ୟ ରଖି କାର୍ଯ୍ୟକଲେ ବଜେଟ୍ ଅଟକଳ ମୁତାବକ କାର୍ଯ୍ୟ ଶେଷ ହୋଇପାରିବ, ସେ ସମ୍ପର୍କରେ ପ୍ରସ୍ତୁତ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ବୈଠକରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲ। ବିଭାଗୀୟ ମନ୍ତ୍ରୀଙ୍କ ଉପସ୍ଥିତିରେ ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜଳସେଚନ ପ୍ରକଳ୍ପଗୁଡିକର ଅଗ୍ରଗତି ସଂପର୍କରେ ସଂପୃକ୍ତ ମୁଖ୍ୟ ଯନ୍ତ୍ରୀ(ସି.ଇ) ଏବଂ ପ୍ରକଳ୍ପ ଦାୟିତ୍ୱରେ ଥିବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ( ସି.ସି.ଇ)ଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କେବଳ ପ୍ରକଳ୍ପ କାର୍ଯ୍ୟକୁ ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ସାରିଲେ ହେବ ନାହିଁ , ଏହାର ଗୁଣାତ୍ମକମାନ ବଜାୟ ରଖିବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ପ୍ରକଳ୍ପ ମଧ୍ୟରେ ଲୋୟର ଇନ୍ଦ୍ରାବତୀ ପ୍ରକଳ୍ପ, ଛେଳିଗଡ ଜଳସେଚନ ପ୍ରକଳ୍ପ, ଦେଓ ଜଳ ସେଚନ ପ୍ରକଳ୍ପ, ବ୍ରାହ୍ମଣୀ ବେସିନ୍, ଲୋୟର ସୁକତେଲ ପ୍ରକଳ୍ପ, ରେଟ୍ ଜଳସେଚନ ପ୍ରକଳ୍ପ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଉପର କୋଲାବ, ଆନନ୍ଦପୁର ବ୍ୟାରେଜ୍, ରେଙ୍ଗାଲି ଦକ୍ଷିଣ କେନାଲ, କୁସୁମୀ ଜଳସେଚନ ପ୍ରକଳ୍ପ, କାନୁପୁର ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେର ଜଳ ସେଚନ ପ୍ରକଳ୍ପ ଆଦି ବିଭିନ୍ନ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଉଠାଜଳସେଚନ ପ୍ରକଳ୍ପ ଏବଂ ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଯେଉଁ ଯେଉଁ ପ୍ରକଳ୍ପରେ ବିସ୍ଥାପନ ଜନିତ ସମସ୍ୟା ରହିଛି, କୃଷକ ବା ପ୍ରଭାବିତ ହେଉଥିବା ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରି ସେସବୁକୁ ସମାଧାନ କରିବା, ସେମାନଙ୍କ ପାଇଁ ପ୍ରାପ୍ୟ ଅନୁକମ୍ପାରାଶି ପ୍ରଦାନ ପୂର୍ବକ ପ୍ରକଳ୍ପ କାର୍ଯ୍ୟକୁ ଆଗେଇବା, ପ୍ରକଳ୍ପ ପରିବେଶ ମଂଜୁରୀ ନ ପାଇଥିଲେ ସେ କ୍ଷେତ୍ରରେ ମଂଜୁରୀ ଆଣି କାର୍ଯ୍ୟ କରିବା, ଟେଣ୍ଡର ପ୍ରକ୍ରିୟା ସରି ନଥିବା କ୍ଷେତ୍ରରେ ୧୫ ଦିନ ମଧ୍ୟରେ ତାହା ସାରି କାର୍ଯ୍ୟ ଆରମ୍ଭ କରିବା ସମ୍ପର୍କରେ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଯେଉଁସବୁ ଅଂଚଳରେ କୃଷି କ୍ଷେତ୍ରକୁ ଡ୍ରେନେଜ୍ ସମସ୍ୟା ଅଛି, ସେସବୁକୁ ତୁରନ୍ତ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଶେଷ କରିବାକୁ ମଧ୍ୟ ସଂପୃକ୍ତ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ନିୟମିତ ବିଭାଗକୁ ଜଣାଇବା, ଯନ୍ତ୍ରୀମାନେ ପ୍ରକଳ୍ପ ସହିତ ଜଡିତ ରହି ସେସବୁକୁ ସମ୍ପୂର୍ଣ୍ଣ କରିବା ଦିଗରେ ନିୟମିତ ତଦାରଖ କରିବା ଉପରେ ବୈଠକରେ ଆଲୋକପାତ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଅକ୍ଷୟ କୁମାର ବାନର୍ଜୀ, ସ୍ୱତନ୍ତ୍ର ଶାସନ ସଚିବ ତଥା ଓଡିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଜଳସଂପଦ ବିଭାଗର ବିଭିନ୍ନ ଶାଖା ଓ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମସ୍ତ ମୁଖ୍ୟଯନ୍ତ୍ରୀ, ଅନ୍ୟାନ୍ୟ ବରିଷ୍ଠ ଯନ୍ତ୍ରୀ, ଅଧିକ୍ଷଣଯନ୍ତ୍ରୀ ଓ ସଂପୃକ୍ତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହେବେ ଅଧିକ ୨ ଲକ୍ଷ ୨ ହଜାର ୮୦୯ ହିତାଧିକାରୀ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଆଉ ୨ ଲକ୍ଷ ୨ ହଜାର ୮୦୯ ବ୍ୟକ୍ତିଗତ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଯେଉଁ ଯୋଗ୍ୟ ହିତାଧିକାରୀ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରି ନାହାନ୍ତି ସେମାନଙ୍କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି ଏବଂ ଜିଲ୍ଲା ନିମନ୍ତେ ଧାର୍ଯ୍ୟ ହିତାଧିକାରୀଙ୍କୁ ଯୋଗ୍ୟତା ଅନୁସାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା କୁହାଯାଇଛି । ଏହି କ୍ରମରେ ଅନୁଗୋଳ ଜିଲ୍ଲା ନିମନ୍ତେ ୨୮୩୮ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୭୬୫୬ ଜଣ, ବରଗଡ଼ ଜିଲ୍ଲାରେ ୨୯୯୨, ଭଦ୍ରକରେ ୪୪୭୬ ଜଣ, ବଲାଙ୍ଗୀରରେ ୧୩୮୦୪ ଜଣ, ବୌ ରେ ୧୧୩୬ ଜଣ, କଟକ ଜିଲ୍ଲାରେ ୪୯୨୪, ଢେଙ୍କାନାଳ ୫୨୬୪, ଦେବଗଡ଼ ୩୫୨ ଜଣ, ଗଜପତି ୪୩୦୬, ଗଞ୍ଜାମରେ ୩୮୦୩୪ ଜଣ, ଜଗତସିଂହପୁର ୩୪୮୬, ଯାଜପୁର ୫୭୪୨, ଝାରସୁଗୁଡ଼ା ୨୨୪୨ ଜଣ, କଳାହାଣ୍ଡି ୭୬୫୬ ଜଣ, କନ୍ଧମାଳ ୪୬୦୯, କେନ୍ଦ୍ରାପଡ଼ା ୫୨୬୪, କେନ୍ଦୁଝର ୮୧୩୪ ଜଣ, ଖୋର୍ଦ୍ଧା ୩୫୦୨ ଜଣ, କୋରାପୁଟ ୮୬୧୨ ଜଣ, ମାଲକାନଗିରି ୩୫୬୮, ମୟୂରଭଞ୍ଜ ୧୪୩୫୪ ଜଣ, ନବରଙ୍ଗପୁର ୩୭୨୨ ଜଣ, ନୟାଗଡ଼ ୩୮୧୨, ନୂଆପଡ଼ା ୬୩୫୨, ପୁରୀ ୭୧୭୮, ରାୟଗଡ଼ା ୬୬୯୮, ସମ୍ବଲପୁର ୫୭୪୨, ସୁବର୍ଣ୍ଣପୁର ୪୩୦୬ ଏବଂ ସୁନ୍ଦରଗଡ଼ ଜିଲ୍ଲା ନିମନ୍ତେ ୧୨୦୪୮ ଜଣ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ସହଜ ହେବ ପାଠପଢ଼ା

# ବୁଝି ନପାରିଲେ 'ମଧୁ ଆପ୍'

**ଭୁବନେଶ୍ୱର:** ପିଲାମାନଙ୍କୁ ସହଜରେ ପାଠ ବୁଝାଇବା ଏବଂ ବିଭିନ୍ନ ପ୍ରଶ୍ନ ଅଭ୍ୟାସ କରାଇବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ 'ମଧୁ ଆପ୍'ର ଆରମ୍ଭ କରାଯାଇଛି। ଛାତ୍ରଛାତ୍ରୀମାନେ 'ମଧୁ ଆପ୍'କୁ ମୋବାଇଲ ଫୋନ୍‌ରେ ଡାଉନଲୋଡ୍ କରି ସେଥିରୁ ଭିଡିଓ ଦ୍ୱାରା ସେମାନେ ଶ୍ରେଣୀରେ ପଢା ଯାଇଥିବା ପାଠ ବୁଝି ପାରିବେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ଏହି ନୂଆ 'ମଧୁ ଆପ୍'କୁ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଆୟୋଜିତ ଭିଡିଓ କନଫରେନ୍ସିଂ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ୍‌ର ଛାତ୍ରଛାତ୍ରୀମାନଙ୍କ ସହିତ ମୁଖ୍ୟମନ୍ତ୍ରୀ 'ମଧୁ ଆପ୍' ସମ୍ପର୍କରେ କଥାବାର୍ତ୍ତା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନଙ୍କ ପାଇଁ ଶିକ୍ଷାର ବିକଳ୍ପ ନାହିଁ। ତେଣୁ ଭଲ ପାଠ ପଢି ଦେଶର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଓଡିଆ ଜାତି ପାଇଁ ଉତ୍କଳଗୌରବ ମଧୁସୂଦନଙ୍କ ତ୍ୟାଗ ବିଷୟରେ ଆଲୋଚନା



କରି ମଧୁ ବାବୁ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଦ୍ୱାରା ମାତୃଭାଷା ଆଧାରିତ ଭର୍ଚୁଆଲ୍ କ୍ଲାସ୍- ରୁମ୍ ଅନୁଭୂତି ପାଇପାରିବେ ବିଦ୍ୟାର୍ଥୀ। ଅନ୍ୟ ଅର୍ଥରେ ଛାତ୍ରଛାତ୍ରୀମାନଙ୍କ ହାତରେ କ୍ଲାସ୍ ରୁମ୍ ଇନ୍ ମୋବାଇଲ୍ ସୁବିଧା ବୋଲି କହିହେବ। ପଢା ବହିରେ ଥିବା ପାଠ୍ୟବିଷୟର ଶିକ୍ଷାଦାନ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ରେକର୍ଡିଂ କରାଯାଇଛି। ଏଥିସହ ଅଭ୍ୟାସ ପ୍ରଶ୍ନ ଓ ତାହାର ଉତ୍ତର ମଧ୍ୟ ଚାପ୍ଟର୍ ଓ ବିଷୟ ଅନୁସାରେ ରହିବ। ଛାତ୍ରଛାତ୍ରୀମାନେ ଗୁଗଲ୍ ପ୍ଲେ-ଷ୍ଟୋରକୁ ଯାଇ ଏହି ଆପ୍ ଡାଉନଲୋଡ୍ କରିପାରିବେ। ବିଦ୍ୟାର୍ଥୀମାନେ ଏକ କିମ୍ବା ଏକାଧିକ କ୍ଲାସ୍‌ରେ ପଞ୍ଜୀକରଣ କରି ବହି ପାଠକୁ ଡିଜିଟାଲ୍ ପଦ୍ଧତିରେ ପଢ଼ିପାରିବେ। ନିଜେ ଶିକ୍ଷକ ସାଜି ପ୍ରଶ୍ନୋତ୍ତରର ମୂଲ୍ୟାୟନ ବି କରିପାରିବେ ଛାତ୍ରଛାତ୍ରୀ। ଏବେ ଅଧିକ ପଢା ପାଇଁ କିଛି ଛାତ୍ରଛାତ୍ରୀ ଟ୍ୟୁସନ୍ ଯାଉଛନ୍ତି। ଆଉ ସେମାନଙ୍କୁ ତାହା ଦରକାର ପଡ଼ିବନି। ସରକାରୀ ସ୍କୁଲ ଶିକ୍ଷକଙ୍କୁ ନେଇ ପ୍ରଥମ କରି ରାଜ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ୫ମ, ୬ଷ୍ଠ, ୭ମ, ୮ମ ଓ ୧୦ମ ଶ୍ରେଣୀର ଗଣିତ ଓ ବିଜ୍ଞାନ ପାଠ୍ୟକ୍ରମ ଅପଲୋଡ୍ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ , ଆଦର୍ଶ ବିଦ୍ୟାଳୟ ସଂଗଠନର ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା , ସ୍କୁଲ ଗଣଶିକ୍ଷା ସଚିବ ଓ ଗଞ୍ଜାମ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲ୍‌ବୁଲ୍ ପାଇଁ ଓଡ଼ିଶାକୁ ୫୫୨ କୋଟି

**ଭୁବନେଶ୍ୱର :** ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍ କ୍ଷୟକ୍ଷତି ପାଇଁ କେନ୍ଦ୍ର ସରକାର ସହାୟତା ରାଶି ଘୋଷଣା କରିଛନ୍ତି। ଓଡ଼ିଶାକୁ ୫୫୨ କୋଟି ଟଙ୍କା ଏହି ସହାୟତା ମିଳିଛି। ପଶ୍ଚିମବଙ୍ଗ ପାଇଁ ୪୧୪ କୋଟି ୯୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି। ଗତ ନଭେମ୍ବର ୯ ତାରିଖରେ ବାତ୍ୟା ବୁଲ୍‌ବୁଲ୍ ପଶ୍ଚିମବଙ୍ଗ ଓ ବାଂଲାଦେଶର ମଧ୍ୟଭାଗରେ ଲ୍ୟାଣ୍ଡଫଲ କରିଥିଲା। ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ଏତେଟା ନଥିଲେ ମଧ୍ୟ ଅତ୍ୟଧିକ ବର୍ଷା ପବନ ଯୋଗୁ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଓ ଜଗତସିଂହପୁର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାରେ ଧାନ ଓ ଅନ୍ୟାନ୍ୟ ଫସଲ ସହ ଉଦ୍ୟାନ ଚାଷ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟାର ପରବର୍ତ୍ତୀ ପ୍ରାଥମିକ ଆକଳନରେ ପ୍ରାୟ ୫୦ଟି ବ୍ଲକ ଓ ୧୨ଟି ସହରାଞ୍ଚଳର ପ୍ରାୟ ୩୭.୪୯ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। ବିଶେଷକରି ଉପକୂଳ ଓଡ଼ିଶାରେ ପ୍ରାୟ ତିନି ଲକ୍ଷ ହେକ୍ଟର ଜମିରେ ଚାଷ ନଷ୍ଟ ହୋଇଥିବା ବେଳେ ୨ ଲକ୍ଷ ହେକ୍ଟରେ ଜମିରେ ପ୍ରାୟ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଥିବା ନେଇ ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପବନର ବେଗ ଅଧିକ ଥିବାରୁ ସେଠାରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପଡ଼ିଥିଲା। ବାତ୍ୟା ସମୟରେ ସମୁଦାୟ ୮ ହଜାର ୬୬୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା। ତେବେ ଧାମରା ଅଞ୍ଚଳରେ ସର୍ବାଧିକ କ୍ଷୟକ୍ଷତି ହେବା ସହ ବହୁ ବିଦ୍ୟୁତ୍ ଖୁଣ୍ଟ ପାଣିରେ ପଡ଼ି ରହିଥିବାରୁ ସେଗୁଡ଼ିକୁ ଉଠାଇବା ପାଇଁ ସମସ୍ୟା ସୃଷ୍ଟି ହୋଇଥିଲା। ଏପଟେ କେନ୍ଦ୍ରାପଡ଼ାରେ ଧାନ ଚାଷ ବ୍ୟତୀତ ପ୍ରାୟ ୭୦ ହେକ୍ଟର ଜମିରେ ପରିବା ଚାଷ ମଧ୍ୟ ନଷ୍ଟ ହୋଇଥିବା କ୍ଷୟକ୍ଷତି ଆକଳନ ରିପୋର୍ଟରୁ ଜଣାପଡ଼ିଥିଲା। ଏହାପରେ ଗତ ୧୪ ତାରିଖରେ କେନ୍ଦ୍ରିୟ ଟିମ୍‌ର ୭ ଜଣିଆ ଦଳ ଭୁବନେଶ୍ୱରରେ ପହଞ୍ଚିବା ସହ ହେଲିକପ୍ଟର ଯୋଗେ ଧାମରା ଗସ୍ତ କରି କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ବାତ୍ୟାର ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ସମସ୍ତ ୨୧୨ଟି ଅବରୋଧ ରାସ୍ତା ସଫା କରି ଗମନା



ଗମନ ସ୍ୱାଭାବିକ କରାଯାଇଥିବା ବେଳେ ୩ ଦିନ ମଧ୍ୟରେ ପ୍ରଭାବିତ ୧୫ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ କରିବାରେ ସରକାର ସଫଳ ହୋଇଥିଲେ। ତେବେ ବର୍ଷା ପବନ ଯୋଗୁ ପ୍ରାୟ ୫ହଜାର ୫୦୦ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଏନେଇ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମଗାଯାଇଥିଲା। ଯେଉଁମାନଙ୍କର ଏସ୍‌ଇସିସି ତାଲିକାରେ ନାଁ ନଥିବ ସେମାନଙ୍କୁ ଘରଭଙ୍ଗା ଓ ଗ୍ରାମ୍ୟ ଗୃହନିର୍ମାଣ ସହାୟତା ପ୍ରଦାନ କରାଯିବ। ଏହାସହିତ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତରାଜି ବିଭାଗ ପକ୍ଷରୁ ମଧ୍ୟ ଘର ଦେବା ପାଇଁ ବ୍ୟବସ୍ଥା କରାଯାଉଥିବା ସେତେବେଳ ସରକାରଙ୍କ ପକ୍ଷରୁ ଆଶ୍ୱାସନା ପ୍ରଦାନ କରାଯାଇଥିଲା। ପରେ କେନ୍ଦ୍ରରୁ କ୍ଷୟକ୍ଷତି ଆକଳନ ପାଇଁ ଆସିଥିବା ୭ ଜଣିଆ ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ ୪ଟି ଜିଲ୍ଲାକୁ ଗସ୍ତ କରିଥିଲେ। ଗ୍ରୁପ୍ ଏ' ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଓ ବାସୁଦେବ ପୁର ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ବାଲେଶ୍ୱର ଜିଲ୍ଲାର ଭୋଗରାଇକୁ ମଧ୍ୟ ଗସ୍ତ ଯାଇ ସ୍ଥିତି ଦେଖିଥିଲେ। ସେହିପରି ଗ୍ରୁପ୍ ବି' କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଓ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଓ ଏରସମା ପରି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି କେନ୍ଦ୍ରୀୟ ଟିମ୍‌ରେ ଗୃହ ମନ୍ତ୍ରଣାଳୟର ଯୁଗ୍ମ ଶଚିବ ସାହେଲି ଘୋଷ୍ ରୟଙ୍କ ବ୍ୟତୀତ ଶକ୍ତି ମନ୍ତ୍ରଣାଳୟ ମୁଖ୍ୟଯନ୍ତ୍ରୀ ବନ୍ଦନା ସିଂଘାଲ, ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗର କନ୍ସଲଟାଣ୍ଟ ଦୀନା ନାଥ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଉପଶଚିବ ଏସଏସ୍ ମୋଦି, କେନ୍ଦ୍ରୀୟ ଜଳ ଆୟୋଗର ସୁପରିଟେଣ୍ଡେଣ୍ଟ ଯନ୍ତ୍ରୀ ଅମରିଶ ପାଲ ସିଂ, କୃଷି ବିଭାଗର ପାଟନାସ୍ଥିତ ଡିଆରଡି ନିର୍ଦ୍ଦେଶକ ବୀରେନ୍ଦ୍ର ସିଂ ଓ ସଡ଼କ ପରିବହନ ମନ୍ତ୍ରଣାଳୟର ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ ସୁନୀଲ ସାମିଲ ଥିଲେ। କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପୁନରୁଦ୍ଧାର କାର୍ଯ୍ୟକୁ ବେଶ୍ ପ୍ରଶଂସା କରିବା ସହ ରାଜ୍ୟକୁ ଆବଶ୍ୟକୀୟ ସହାୟତା ରାଶି ଶୀଘ୍ର ପ୍ରଦାନ କରିବାକୁ ଆଶ୍ୱାସନା ପ୍ରଦାନ କରିଥିଲେ।

## ଥାନାରେ ଅଭିଯୋଗକାରୀଙ୍କ ସହ ଫୋନ୍‌ରେ କଥାହେଲେ ଗୃହମନ୍ତ୍ରୀ

**ଭୁବନେଶ୍ୱର :** ଗୃହ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ମୋ ସରକାର କାର୍ଯ୍ୟକ୍ରମ ତଦାରଖ କରିବା ସହିତ ରାଜ୍ୟର ବିଭିନ୍ନ ଥାନାରେ ଅଭିଯୋଗ କରିଥିବା ୧୯ ଜଣ ଅଭିଯୋଗକାରୀଙ୍କ ସହିତ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି । ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ଯାଜପୁର ଜିଲ୍ଲା ଅନ୍ତର୍ଗତ ଯାଜପୁର ଓ କୁଆଖିଆ ଥାନା, ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ତିର୍ତ୍ତୋଲ ଓ କୁଜଙ୍ଗ ଥାନା, ରାୟଗଡ଼ା ଜିଲ୍ଲାର ବିଷମକଟକ ଓ ପଦ୍ମପୁର ଥାନା, ଗଞ୍ଜାମର ଆସ୍କା, ସୋରଡ଼ା ଓ ଦିଗପହଣ୍ଡି ଥାନା, ଖୋର୍ଦ୍ଧାର କ୍ୟାପିଟାଲ୍ ଥାନା, ସୁନ୍ଦରଗଡ଼ର ଟାଉନ୍ ଥାନା, ମୟୂରଭଞ୍ଜର ବାରିପଦା ଟାଉନ୍ ଥାନା, ଅନୁଗୋଳର ଏନ୍‌ଟିପିସି ଥାନା, ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଥାନା, ବାଲେଶ୍ୱରର ସୋର ଥାନା, ପୁରୀର ବ୍ରହ୍ମଗିରି ଥାନା, ଢେଙ୍କାନାଳର ମୋଟାଙ୍ଗ ଥାନା, କେଉଁଝରର ଘସିପୁରା ଥାନା, କେନ୍ଦ୍ରାପଡ଼ାର ମହାକାଳପଡ଼ା ଥାନା ଆଦିରେ ବିଭିନ୍ନ କାରଣ ନେଇ ଅବେଦନ ତଥା ଅଭିଯୋଗ କରିଥିବା ୧୯ ଜଣ ବ୍ୟକ୍ତି ତଥା ମହିଳାଙ୍କୁ ଟେଲିଫୋନ କରି ଥାନରେ 'ମୋ ସରକାର' ଏବଂ ୫-ଟି' କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ ହେଉଛି ସେ ନେଇ ମତାମତ ସଂଗ୍ରହ କରିଥିଲେ।

নିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୯ - ୧୫ ଡିସେମ୍ବର, ୨୦୧୯

# ସଂସ୍କାରଧର୍ମୀ ସମାଜ ଦରକାର

ସମ୍ପାଦକୀୟ

ତାରକ ମହାନ୍ତି



**ହା**ଇଦ୍ରାବାଦରେ ମହିଳା ପଶୁ ଡାକ୍ତରଙ୍କ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଥିଲା ବେଳେ ସଂସଦରେ ଏହାକୁ ନେଇ ମଧ୍ୟ ଝଡ ଉଠିଛି। ଏହି ଘଟଣାକୁ ବିରୋଧ କରି ପ୍ରତିବାଦର ସ୍ୱର ଉଠାଇଛନ୍ତି ସାଂସଦ ଜୟା ବଚ୍ଚନ। ସେ କହିଛନ୍ତି ଯେ, ବଳାତ୍କାରୀମାନଙ୍କୁ ସର୍ବସାଧାରଣଙ୍କ ସାମ୍ନାକୁ ଆଣି ପିଟି ପିଟି ହତ୍ୟା କରାଯିବା ଉଚିତ୍। ଏଭଳି ଅଭିଯୁକ୍ତମାନଙ୍କ ସମ୍ପର୍କରେ ସର୍ବସାଧାରଣରେ ପ୍ରଚାର କରାଯିବାର ଆବଶ୍ୟକତା ରହିଛି। ମହିଳାମାନଙ୍କ ବିରୋଧରେ ବଢୁଥିବା ଅପରାଧ ଦମନ ପାଇଁ ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମତୀ ବଚ୍ଚନ। ସେହିଭଳି ବିଜେଡି ପକ୍ଷରୁ ପିନାକୀ ମିଶ୍ର ମଧ୍ୟ ୨୦୧୨ ନିର୍ଭୟା ଗଣବଳାତ୍କାର ମାମଲାରେ ଦୋଷୀମାନଙ୍କୁ ଦିଆଯାଇଥିବା ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରାଯିବାର ବିଳମ୍ବ ହେବା ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ନକରି କେବଳ ଆଇନ ପ୍ରଣୟନ କରିଦେଲେ କିମ୍ବା ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିଦେଲେ କିଛିବି ଲାଭ ହେବନାହିଁ। ବାସ୍ତବରେ ସଠିକ୍ ସମୟରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରାନଯାଇ ଏହା କେବଳ ଆଇନ ପ୍ରଣୟନରେ ସୀମିତ ରହିଗଲେ ଅପରାଧୀମାନେ ଆଇନକୁ ଭୟ କରିବେନାହିଁ। ତେଣୁ ବର୍ତ୍ତମାନ ସମୟରେ ଦୁଷ୍କର୍ମ ଘଟଣା ଯେଭଳି ଭାବେ ବଢ଼ିଚାଲିଛି ସମାଜରେ ନାରୀ ସୁରକ୍ଷିତ ନୁହେଁ ବୋଲି ଏହା ତା'ର ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ। ତେବେ ଦୁଷ୍କର୍ମକାରୀଙ୍କ ମାନସିକତା, ପାରିପାର୍ଶ୍ୱିକ ସ୍ଥିତି ଓ ଆଇନଗତ ବ୍ୟବସ୍ଥାର ତର୍ଜମା କରି କଠୋର କାର୍ଯ୍ୟାନୁଷ୍ଠାନ ନେବା ଭଳି ସମୟ ଉପନୀତ ହୋଇଛି। ଏନେଇ ଦେଶର ସବୁ ନାଗରିକ ନିଜ ନିଜର ମତ ଉପସ୍ଥାପନ କରି ସରକାରଙ୍କୁ କଠୋର ଆଇନ ପ୍ରଣୟନ କରି ଏହାର କାର୍ଯ୍ୟକାରିତା ପ୍ରତି ଗୁରୁତ୍ୱ ଦେବାକୁ ଦାବି ଜଣାଇବା ଦରକାର। ଦୁଷ୍କର୍ମ ଘଟଣା କେବଳ ଗୋଟିଏ ରାଜ୍ୟ ବା ଅଞ୍ଚଳର ଘଟଣା ନୁହେଁ। ସମଗ୍ର ଦେଶରେ ବାରମ୍ବାର ଏହା ଘଟିଚାଲିବା ଦ୍ୱାରା ସାମାଜିକ ଅବକ୍ଷୟର ଏକ ଘଡିସନ୍ଧି ମୁହୂର୍ତ୍ତ ସମସ୍ତଙ୍କୁ ଆକ୍ରାନ୍ତ କରୁଛି ଓ ଭୟ ଦେଖାଉଛି।

ଆମ ରାଜ୍ୟରେ ୧୯୮୦ ମସିହାରେ ଛବିରାଣୀ ହତ୍ୟାକାଣ୍ଡ ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ଜଣେ ୨୨ ବର୍ଷୀୟା ମହିଳାଙ୍କୁ ବିଲୁଆଖାଇ ନଦୀ ପଠାରେ କାମାନ୍ଧ ପୁରୁଷମାନେ ଯେଭଳି ନିର୍ଦ୍ଦୟ ଭାବେ ଗଣଦୁଷ୍କର୍ମ କରି ନଈ ବାଲିରେ ତାଙ୍କୁ ହତ୍ୟା କଲେ ଏହାକୁ ଜଘନ୍ୟ ଘଟଣା ଆଉ କିଛି ହୋଇନପାରେ। ସେହିଭଳି ଅଞ୍ଜନାଙ୍କ ଠୁ ଆରମ୍ଭ କରି ଇତିଶ୍ରୀ, ବେବିନା ଓ କୁନ୍ଦୁଲି ପୀଡିତାଙ୍କ ପର୍ଯ୍ୟନ୍ତ ସମସ୍ତେ ଏଭଳି ନିଷ୍ଠୁରତାର ଶିକାର ହୋଇ ପ୍ରାଣ ହରାଇଛନ୍ତି। ମାସକ ତଳେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଜଣେ ଅଧାପିକା ଦୁଷ୍କର୍ମର ଶିକାର ହୋଇ ପୋଲିସ ନିକଟରେ ଅଭିଯୋଗ କରି କୌଣସି ନ୍ୟାୟ ନପାଇ ମାନସିକ ଯନ୍ତ୍ରଣାରେ ଷଡ଼ି ଷଡ଼ି ଶେଷରେ ଆତ୍ମହତ୍ୟା କରିବାକୁ ବାଧ ହେଲେ। ସେହି ଗୋଟିଏ ମାସ ମଧ୍ୟରେ ପୋଲିସ କାର୍ଯ୍ୟାନୁଷ୍ଠନ ନହେବାରୁ ଅଭିଯୁକ୍ତ ଅଧାପିକାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବାରେ ମଧ୍ୟ ସଫଳ ହୋଇଥିଲେ। ଯେଉଁଥିପାଇଁ ସେ ମାନସିକ ଭାରସାମ୍ୟ ହରାଇ ଜୀବନ ହାରିବା ଭଳି ନିଷ୍ପତ୍ତି ନେବାକୁ ବାଧ ହେଲେ। ଏହାରି ଭିତରେ ସାମାଜିକ ଲାଞ୍ଛନା ମୃତ ଅଧାପିକାଙ୍କୁ ଅଧିକରୁ ଅଧିକ ପୀଡା ଦେଇଥିଲା। ତେବେ ଏଭଳି କାହିଁକି ଘଟୁଛି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହାର କାରଣ ଓ ନିରାକରଣ ଦିଗକୁ ପ୍ରତ୍ୟେକ ସଚେତନ ନାଗରିକ ବିଚାରକୁ ନେଇ ସାମାଜିକ ବ୍ୟବସ୍ଥା, ଚଳଣୀ ଓ ସଂସ୍କାର ମୂଳକ ପଦକ୍ଷେପ ନେବା ଅପରିହାର୍ଯ୍ୟ ହୋଇପଡିଛି। ନଚେତ ଆଗାମୀ ଦିନରେ ସମାଜ ବ୍ୟବସ୍ଥା ଭୁଶୁଡି ପଡିବା ସହିତ ଯେଉଁ ମାତୃଜାତିକୁ ନେଇ ଆମେ ଗର୍ବ କରୁଛେ ତାହା ନର୍କମୟ ହୋଇଯିବ। ଦେଶ ସ୍ୱାଧୀନ ହେବାର ୭୩ବର୍ଷ ପରେ ଦେଶରେ ଶିକ୍ଷିତ ଓ ଉଚ୍ଚଶିକ୍ଷିତଙ୍କ ସଂଖ୍ୟା ବଢ଼ିଥିଲେ ବି ପୈଶାଚିକ ମାନସିକତା ରଖୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଚାଲିଛି ସିନା କମିବାର ନା' ଧରୁନାହିଁ। ଏହାପଛରେ ଅନେକ ଗୁଡିଏ କାହାଣୀ ଅନ୍ତର୍ନିହିତ ରହିଛି। କେହି କେହି ଆମର ଖାଦ୍ୟ, ପାନୀୟ ଓ ପୋଷାକକୁ ଦାୟୀ କରୁଥିଲା ବେଳେ ଅଧିକାଂଶ ମାଦକ ଦ୍ରବ୍ୟ ସେବନ ଏହାର ମୁଖ୍ୟ କାରଣ ବୋଲି କହୁଛନ୍ତି। ଅନେକ ଦୁଷ୍କର୍ମ ଘଟଣାରେ ମଦ୍ୟପ ଗାଡି ଚାଳକ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡୁଛି। ସେହିଭଳି ଅଧିକାଂଶ ଏଭଳି ଘଟଣାରେ ଅଭିଯୁକ୍ତମାନେ ମଦ ପିଇଥିବା ବା ନିଶାଦ୍ରବ୍ୟ ସେବନ କରିଥିବା ଉଲ୍ଲେଖ ରହିଛି। ଅନ୍ୟତମ କାରଣ ଭାବେ ଆଲୋଚନା କଲେ ଜଣାପଡେ ପିଲାଟି ଦିନରୁ ପରିବାର ଭିତରେ ସଂସ୍କାରରୂପି ଚରିତ୍ର ଗଠନର ଶିକ୍ଷା ଦିଆ ନଗଲେ ଭବିଷ୍ୟତରେ ଏହାର କୁପରିଣାମ ଦେଖିବାକୁ ମିଳେ। ସେହିଭଳି ବିଦ୍ୟାଳୟ ସ୍ତରରେ ପିଲାମାନଙ୍କୁ କେବଳ ପୁସ୍ତକ କୀଟ ଭାବେ ବିବେଚନା ନକରି ସେମାନଙ୍କୁ ଚରିତ୍ର ଗଠନର ଶିକ୍ଷା ଦିଆଯିବାର ଆବଶ୍ୟକତା ରହିଛି। କେବଳ ବହିରେ ଥିବା ପାଠ ମଣିଷକୁ ସଂସ୍କାରୀ କରିପାରେ ନାହିଁ। କେବଳ ଉଚ୍ଚଶିକ୍ଷିତ ହିଁ କରିପାରେ। ଉଚ୍ଚଶିକ୍ଷା ବା ମଧ୍ୟମ ଧରଣର ଶିକ୍ଷା ଜଣକୁ ହୁଏତ ଉପାର୍ଜନକ୍ଷମ କରିପାରେ, ମାତ୍ର ଜଣେ ଭଲ ମଣିଷ ହେବା ପାଇଁ ଯେଉଁ ଶିକ୍ଷା ବା ଜ୍ଞାନର ଆବଶ୍ୟକତା ରହିଛି ତାହା ଯଦି ଠିକ୍ ସମୟରେ ନ ମିଳେ ଅପରାଧ ଘଟାଇବା ଭଳି ମାନସିକତା ନିଶ୍ଚୟ ବଢ଼ିଚାଲିବ। ଏଣୁ ଭଲ ମଣିଷ ହେବାକୁ ଯେଭଳି ପ୍ରେରଣା, ଉତ୍ସାହ ଓ ଶିକ୍ଷାଲାଭର ଆବଶ୍ୟକତା ରହିଛି ତାହା ସପକ୍ଷରେ ଜନମତ ସୃଷ୍ଟି କରାଯାଉ। ଡିଜିଟାଲ ସମୟରେ ଇଣ୍ଟରନେଟ୍‌ର ବ୍ୟବହାର ବହୁଳ ଭାବେ ବଢ଼ିଚାଲିଥିବାରୁ ଏଥିରେ ଥିବା ଅଶ୍ଳୀଳ ସାଇଟ୍ ଗୁଡିକ କୋମଳମତି ପିଲାମାନଙ୍କ ଉପରେ କୁପ୍ରଭାବ ପକାଉଛି। ଅଶ୍ଳୀଳ ଚିତ୍ର ଓ ଭିଡିଓ ସହଜରେ ଉପଲବ୍ଧ ହେଉଥିବାରୁ ଏହାକୁ ଦେଖୁଥିବା ଯୁବକ ବା ବୟସ୍କ ନିଜର ହିତାହିତ ଜ୍ଞାନ ହରାଇ ବସୁଛନ୍ତି। ଯେଉଁଥିପାଇଁ ସେମାନଙ୍କ ମନରେ କାମ ବାସନା ଜାଗ୍ରତ ହୋଇ ଏଭଳି ଅପରାଧ ଘଟାଇବାକୁ ହୁଏତ ଅନୁପ୍ରେରିତ କରୁଛି। ଯାହା ଜଣାପଡିଛି, ମଦର ବ୍ୟାପକ ପ୍ରଚାର ପ୍ରସାର ଯୋଗୁ ମଣିଷ ମନରେ ପିଶାଚ ଗୁଣ ବୃଦ୍ଧି ପାଉଛି। ତାହା ହତ୍ୟା ହେଉ ବା ଦୁଷ୍କର୍ମରେ ପରିଣତ ହୋଇ ସମାଜ ବ୍ୟବସ୍ଥାକୁ ଧୂଳିସାତ୍ କରିଦେଉଛି। ଏକ ସଂସ୍କାରଧର୍ମୀ ସମାଜ ଗଠନ, ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ଦୁଷ୍କର୍ମ କରୁଥିବା ଅସୁରମାନେ କେବେବି ସାବାଡ ହେବେନାହିଁ। ପୁଅ ହୁଅନ୍ତୁ ବା ଝିଅ ସମସ୍ତଙ୍କୁ ନିଜ ପରିବାରରେ ଉତ୍ତମ ଶିକ୍ଷା ଦେଇ ଗଢ଼ିତୋଳିବାର ଉଦ୍ୟମ ଆରମ୍ଭ ମଧ୍ୟ ହେଉ। ଯେଉଁଥିରେ କେଉଁ କାର୍ଯ୍ୟ ଭୁଲ, କେଉଁ କାର୍ଯ୍ୟ ଠିକ୍ ଏବଂ କେଉଁ କାର୍ଯ୍ୟ କରିବା ଉଚିତ୍ ଓ କେଉଁ କାର୍ଯ୍ୟ ନକରିବା ଉଚିତ୍ ତାହା ମଧ୍ୟ ଚେତେଇ ଦିଆଯାଉ। କେବଳ ଦଣ୍ଡ ବା ଆଇନ ପ୍ରଣୟନ ହୋଇଗଲେ ବ୍ୟଭିଚାର, ଭ୍ରଷ୍ଟାଚାର ଓ ଅପରାଧ କମ ହୋଇପାରିବ ନାହିଁ। ତେଣୁ ବ୍ୟବସ୍ଥା ସହିତ ମଣିଷକୁ ସୁପଥଗାମୀ କରାଇବା ପାଇଁ ଯେଉଁ ଯେଉଁ କାର୍ଯ୍ୟର ଆବଶ୍ୟକତା ରହିଛି ତାହା କାର୍ଯ୍ୟକାରୀ କରାଗଲେ ନିଶ୍ଚୟ ଏଥିରୁ ପରିବର୍ତ୍ତନର ସ୍ୱର ଶୁଭିବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବହୁରୂପୀ ବେତାର

**ବିଦ୍ୟାଧର ପଣ୍ଡା**

ବାଘ ଦେଖିବା ଆଗରୁ ବାଘର ଗର୍ଜନ , କୋଇଲିକୁ ଦେଖିବା ଆଗରୁ କୋଇଲିର କୁହୁତାନ ଯିଏ ମତେ ଶୁଣାଇଥିଲା ସିଏ ହେଉଛି ବେତାର ବା ରେଡିଓ। ମୁଁ ସଚେତନ ହେବା ବେଳକୁ ଆମ ଘରର ସବୁରି ପ୍ରିୟ ହୋଇ ସାରିଥିଲା ରେଡିଓ। ଆଜି ବି ମନେ ପଡ଼େ ସେଇ ତତ୍‌କାଳୀନ ଆଧୁନିକ 'ୋର୍‌ବ୍ୟାଣ୍ଡ୍ 'ଲିପ୍‌ସ କାରାଭାନ ବ୍ରାଣ୍ଡର ଚମଡ଼ା ଖୋଳବିଶିଷ୍ଟ ମେଡ୍ ଇନ୍ ହଲାଣ୍ଡ ବେତାର ଯନ୍ତ୍ରଟି। ସତ କହିଲେ ସେଇ ପିଲାଦିନରୁ ସେଇ ଅଦ୍ଭୁତ ଯନ୍ତ୍ରଟି ପ୍ରତି ମୋର ଏକ ସ୍ୱତନ୍ତ୍ର ମମତା ଆସି ଯାଇଥିଲା ବା ଆଜିର ଭାଷାରେ କହିଲେ ମୁଁ ତାର 'ଫ୍ୟାନ୍ ପାଲଟି ଯାଇଥିଲି।

ଲଙ୍ଗୱେଭ୍, ମିଡିୟମ୍ ୱେଭ୍ ଓ ସର୍ଟୱେଭ୍ ୱାନ୍ ଓ ସର୍ଟୱେଭ୍ ଟୁ। ସେଇ ରେଡିଓର ହାତୀଦାନ୍ତ ବର୍ଣ୍ଣର ୪ଟି ସୁଇଚ୍‌ରେ ଏମିତି ଏମିତି ଚାରି ପ୍ରକାରର ସୁବିଧା ଥିଲା। ଭିନ୍ନ ଭିନ୍ନ ଉପାୟରେ ପ୍ରସାରଣ ହେଉଥିବା କେନ୍ଦ୍ର ଚୟନ କରିବାର ସୁବିଧା ଥିଲା। ଭାଷା ଓ ଶବ୍ଦର ସେଇ ମୋହିନୀ ଜଗତ ବିଷୟରେ ମତେ ସବୁକିଛି ଜଣା ନଥିଲେ ମୁଁ ବଡ଼ ଲୋକଙ୍କର କଟକଣାକୁ ଏଡାଇ ସେଇ ଚାରି ସୁଇଚ୍‌କୁ ଚିପାଚିପି କରିବାରେ ଆଦୌ ହେଳା କରୁ ନଥିଲି। ଖୁବ୍ ମଜା ଲାଗୁଥିଲା ବି। କାହାର ମନାକୁ ମାନୁ ନଥିଲା ମନ।

୧୯୮୦ ଦଶକର କଥା। ସେତେବେଳେ ଚତୁର୍ଥ ଶ୍ରେଣୀରେ ଆମର ଇଂରାଜୀ ବର୍ଣ୍ଣମାଳା ସହ ହେଉଥିଲା ପରିଚୟ। ତେଣୁ ଦଶ ବର୍ଷ ବୟସରେ ବି ଇଂରାଜୀ ଶୁଣି ଭଲରେ ବୁଝିବାର ବୟସ ହୋଇନଥିଲା। ତଥାପି ସର୍ଟୱେଭ୍ ଟୁ ସୁଇଚ୍ ଚିପି ୧୯, ୨୫, ୩୧ ବ୍ୟାଣ୍ଡରେ ବିବିସି ଲଗାଇ ଅବୁଝା ଇଂରାଜୀ ଉଚ୍ଚାରଣ ଶୁଣି କୁତୁକୁତୁ ଲାଗୁଥିଲା। ଶବ୍ଦର ଗାମ୍ଭୀର୍ଯ୍ୟ ଓ ଅତୁଳନୀୟ ଉଚ୍ଚାରଣ ବୋଧହୁଏ ଇଂରାଜୀ ଭାଷା ଆଡ଼କୁ ଏମିତି ଟାଣି ନେଇଥିଲା ଯେ ପରେ ମୁଁ ଏହାର ମୁଗ୍ଧ ଛାତ୍ର ପାଲଟି ଯାଇଥିଲି।

ଆମ ପିଲାଦିନେ ଯେମିତି ସମାଜ କହିଲେ ଲୋକେ ଖବରକାଗଜ ବୋଲି ବୁଝୁଥିଲେ ସେମିତି ଆକାଶବାଣୀ କଟକ ମାନେ ହିଁ ରେଡିଓ ବୋଲି ଅନେକ ଲୋକଙ୍କ ଧାରଣା ଥିଲା। ଏବେ ବି ଏମିତି ଅନେକ ଲୋକ ଥିବେ ଯେଉଁମାନେ ଜୀବନରେ କେବଳ ଆକାଶବାଣୀ କଟକ ଛଡ଼ା ଅନ୍ୟ କିଛି ସେଂଟର ଲଗାଇନଥିବେ। ସେତେବେଳେ ଭୋର୍ ୫ଟା ୫୫ରେ ଖୋଲୁଥିଲା ବେତାର କେନ୍ଦ୍ର। ସକାଳ ୯ଟା ଯାଏଁ ଚାଲୁଥିଲା ସକାଳ ଅଧିବେଶନ। ଦିନବେଳେ ମୋଟାମୋଟି ବନ୍ଦ ରହୁଥିଲା। ପୁଣି ଖୋଲୁଥିଲା ସନ୍ଧ୍ୟା ୬ଟାରେ। ଯେମିତି ଠାକୁରଙ୍କ ମନ୍ଦିରର ଆଳତି ପରି। ମଧ୍ୟାହ୍ନରେ ପହଡ ବା ବିଶ୍ରାମ୍। ସକାଳ ଓ ସଂଜ ଧୂପ। ଆଉ ରାତି ୧୦ଟାରେ ଆକାଶବାଣୀ କଟକ ଶୁଣାଉଥିଲା ପାଲା, ଦାସକାଠିଆ କିମ୍ବା ଧୁଡୁକି ଗୀତ ପୁରପଲ୍ଲୀର ଲୋକଙ୍କ ମନୋରଂଜନ ପାଇଁ।

ସେତେବେଳେ ସକାଳେ କୁକୁଡାର ଡାକ ନୁହେଁ ଆକାଶବାଣୀ କଟକ କେନ୍ଦ୍ରର ଆବହ ସଙ୍ଗୀତ ଓ ବନ୍ଦେ ମାତରମ୍‌ର ମୂର୍ଚ୍ଛନା ଲୋକଙ୍କୁ ଉଠାଉଥିଲା ଦିନର କାମ ଆରମ୍ଭ କରିବା ପାଇଁ ପ୍ରେରଣା ଦେଉଥିଲା। ସଙ୍ଗୀତର ମିଠାମିଠା ସ୍ୱର ଯେମିତି କହୁଥିଲା – ଉଠ, ସକାଳକୁ ସ୍ୱାଗତ କର, ଆନନ୍ଦରେ ଆରମ୍ଭ କର ଦିନଟିକୁ। ଯେତେବେଳେ 'ବନ୍ଦନା' ଆରମ୍ଭ ହେଉଥିଲା ହୃଦୟରେ ବୋଳି ହୋଇ ଯାଉଥିଲା ପ୍ରଭାତୀ ସ୍ନିଗ୍ଧତାର ଅନ୍ତରଙ୍ଗ ଆସ୍ତରଣଟିଏ। ବନମାଳି, ଦିନକୃଷ୍ଣ, ଗୋପାଳକୃଷ୍ଣ, ଭୀମଭୋଇଙ୍କ ସମେତ ବିସ୍ମୃତି ଗର୍ଭରେ ହଜି ସାରିଥିବା ଅନେକ କବିଙ୍କ କମନୀୟ ପଦାବଳୀରେ ସମୃଦ୍ଧ ବନ୍ଦନାର ମାଧୁରୀ ଆଜି ବି ସେମିତି ମହକିତ କରୁଛି ସବୁ ସକାଳକୁ। ସକାଳୁସକାଳୁ ପୁଲକଭରା ଅମୃତ ଅନୁଭବ ପରଶି ଦିନଟିକୁ ଆନନ୍ଦରେ କାଟିବ ପାଇଁ ଅନୁପ୍ରେରିତ କରିବାର ଧାରାଟି ଆଜି ମଧ୍ୟ ପ୍ରବହମାନ।

କୋମଳ ଶୈଶବରୁ ଆରମ୍ଭ ହୋଇଥିବା ମୋର ବେତାର ପ୍ରୀତି କ୍ରମେ ଅଧିକ ରସସିକ୍ତ ହେଲା। ସକାଳୁଆ ଓ ସାନ୍ଧ୍ୟ ଅଧିବେଶନରେ ଅନେକ କାର୍ଯ୍ୟକ୍ରମ ପରଶୁଥିବା ଆକାଶବାଣୀ କଟକ ଯୋଡ଼ିଲା ମଧ୍ୟାହ୍ନ ଅଧିବେଶନ। ପ୍ରଥମେ ଦିନ ୧ଟା ସମୟରେ ମଧ୍ୟାହ୍ନ ଅଧିବେଶନ ଆରମ୍ଭ ହେଲା ପରେ ଏହା ଦିନ ୧୨ଟା ୩୦କୁ ବଦଳିଲା ଓ ସେହି ସମୟରେ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରସାରଣ ଆରମ୍ଭ ହେଲା। ପୂର୍ଣ୍ଣାଙ୍ଗ ହେଲା ଆକାଶବାଣୀ କଟକ। ଜନଜୀବନର ଧାରା ସହ ମିଶିଗଲା ବେତାର ତରଙ୍ଗ ପ୍ରସାରଣର ସମୟ ଧାରା।

ଆକାଶବାଣୀ .. ଖବର ପଢୁଛନ୍ତି ଯତୀନ ଦାସ .. ଉପେନ୍ଦ୍ର କୁମାର ପାହାଡ଼ସିଂ। ଜଗନ୍ନାଥ ବେହେରା, ନିର୍ମଳ ଚନ୍ଦ୍ର ମିଶ୍ର , ରବି ଦାସ। ନୂଆଦିଲ୍ଲୀରେ ଥିବା ଆକାଶବାଣୀର ମୁଖ୍ୟ କେନ୍ଦ୍ରରୁ ପ୍ରସାରିତ ଓଡ଼ିଆ ସମ୍ବାଦ ରିଲେ କରି ପ୍ରଚାର କରେ କଟକ ଆକାଶବାଣୀ । ପରେ କଟକରୁ ରାଜ୍ୟ ଖବର ବୁଲେଟିନ୍ ପ୍ରଚାରିତ ହୁଏ ଯାହାର ନାଁ ଆଜି ବି ଆଂଚଳିକ ସମ୍ବାଦ। ଏହାସହିତ ଜନଜୀବନର ବହୁ ବିଚିତ୍ର ତଥ୍ୟରେ ଭରା ଖବର ଲୋକଙ୍କୁ ଶୁଣାଇବା ପାଇଁ ଜନଜୀବନ ସମ୍ବାଦ ପ୍ରସାରଣର ବ୍ୟବସ୍ଥା ବି କରାଗଲା। ଅବଶ୍ୟ କେବଳ ରବିବାର ସକାଳେ। ଶିଶୁ ସଂସାର ସରିବା ପରେ ପରେ। ଏହ ଜନଜୀବନ ସମ୍ବାଦ ଲୋକଙ୍କୁ ସୂଚନା ଦେବା ସହ ଆମୋଦିକ କଲା।

ସେମିତି ଓଡ଼ିଶା ବିଧାନସଭା ଚାଲିଥିବାବେଳେ ଓଡ଼ିଆରେ ବିଧାନସଭା ସମାଚାର ଓ ସଂସଦରେ ଆଲୋଚନା/ ଚର୍ଚ୍ଚାର ବିବରଣୀ ଦେବା ପାଇଁ ଇଂରାଜୀରେ ପ୍ରସାରିତ ହେଉଥିଲା ଟୁଡେ ଇନ୍ ପାର୍ଲାମେଂଟ। ରାତି ୯ଟା ୧୬ ମିନିଟ୍‌ରେ ବହୁଚର୍ଚ୍ଚିତ ଇଂରାଜୀ ଭାଷାର କାର୍ଯ୍ୟକ୍ରମ ସ୍ପଟଲାଇଟ୍‌ରେ ଦେଶବିଦେଶର ପ୍ରମୁଖ ଘଟଣାବଳି ଉପରେ ଆଲୋକପାତ କରୁଥିଲା ଆକାଶବାଣୀ, ଯାହାକି ସିଭିଲ୍ ସର୍ଭିସ୍ ପରୀକ୍ଷା ସମେତ ବିଭିନ୍ନ କେନ୍ଦ୍ରୀୟ ପଦବୀ ପାଇଁ ନିଯୁକ୍ତି ଆଶାୟୀ ଯୁବବର୍ଗଙ୍କୁ ପ୍ରସ୍ତୁତ ହେବାରେ ବହୁଦିନ ହେଲା ସହାୟକ ହୋଇ ଆସିଛି। ବିଶ୍ୱକୁ ଗବାକ୍ଷ ଭଳି ଏହି ସ୍ପଟଲାଇଟ୍ କାର୍ଯ୍ୟକ୍ରମ ଥିଲା ଦେଶବିଦେଶର ଘଟଣାବଳୀ ଉପରେ ଏକ ସୁଚିନ୍ତିତ ସୁସଂଯୋଜିତ ଶବ୍ଦ-ପତ୍ରିକା।

ଆମ ପିଲାଦିନେ ଘଂଟା, ସାଇକେଲ ଓ ରେଡ଼ିଓ ଥିଲା ମୋଟାମୋଟି ଭାବେ ଆଭିଜାତ୍ୟର ପ୍ରତୀକ। ବିବାହ ସମୟରେ ସେସବୁ ଯେମିତି ଥିଲା କନ୍ୟା ପକ୍ଷ ତର'ରୁ ସୁନିଶ୍ଚିତ ଉପହାର। ଆମ ଘରକୁ ବି ରେଡ଼ିଓ ସେଇ ସୂତ୍ରରେ ଆସିଥିଲା। ମୁଁ ବି ପିଲାଦିନୁ ରେଡିର ସାଙ୍ଗ ହୋଇଗଲି। ପାଖରେ କେହି ନଥିବାବେଳେ ସେଇ ମାଟିଆ ରଙ୍ଗର ଚମଡ଼ାଖୋଳ ଭିତରେ ଥିବା ଶବ୍ଦ-ଯନ୍ତ୍ର-ବାକ୍ସ ଭିତରୁ କେହି ଜଣେ ନିଜ ଲୋକ ପାଖରେ ଯେମିତି କିଛି କହୁଥିବା ଭଳି ଲାଗୁଥିଲା। ରେଡ଼ିଓର ପ୍ରଥମ ଶବ୍ଦ ଶୁଣିବାର ମାତ୍ର ବର୍ଷେ ଦୁଇ ବର୍ଷ ଭିତରେ ତାହା ମୋର ସବୁଠୁ ଅନ୍ତରଙ୍ଗ ବନ୍ଧୁ ପାଲଟି ଯାଇଥିଲା। ଏପରିକି ରେଡିଓରୁ କିଛି ଶବ୍ଦ ଶୁଣିବା ଲୋଭରେ ମୁଁ ବିଦ୍ୟାଳୟ ଛୁଟି ହେବା ପରେ ଅଳସ ଅପରାହ୍ଣରେ ଅନ୍ୟ ସାଥୀମାନଙ୍କ ଭଳି ପଡ଼ିଆକୁ ଖେଳିବାକୁ ନ ଯାଇ ଘରେ ଏକପ୍ରକାର ଛପି ରହୁଥିଲି ସେଇ ଅବସରକୁ କେତେବେଳେ ମତେ ଘରେ ରେଡିଓ ଲଗାଇବାର ସୁଯୋଗଟିକକ ମିଳିବ।

ମନେପଡୁଛି କଥାଟିଏ। ବୟସ ମୋର ସେତେବେଳକୁ ମାତ୍ର ପାଂଚ ବର୍ଷ ହୋଇଥିବ ନା କ'ଣ। ଭୋର୍ ସମୟ। ରେଡିଓ ଚାଲୁ କରିଦେଲି। ଆକାଶବାଣୀ କଟକ ଖୋଲିବାର ସମୟ ହୋଇ ନଥିଲା ବୋଧହୁଏ। ଖାଲି ସଁ. ସଁ .ସଁ . .। ବ୍ୟାଣ୍ଡ ସୁଇଚ୍‌ର କାମ ଭଲରେ ଜାଣି ନଥାଏ। ଉପରେ ଥିବା ୪ଟା ସୁଇଚ୍‌ରୁ ଗୋଟାକୁ ଚିପିଦେଲି। ମିଡିୟମ୍ ୱେଭ୍ ଉପରକୁ ଉଠିଗଲା ଓ ସର୍ଟୱେଭ୍ ସୁଇଚ୍ ତଳକୁ ଚିପି ହୋଇଗଲା। ୩୧ ମିଟର୍ ପାଖରେ ଟ୍ୟୁନ୍ ହୋଇ ବାଜି ଉଠିଲା ମଧୁର ସଙ୍ଗୀତ। ନିଜ ଅଜାଣତରେ ହିନ୍ଦୀ ବିବିଧଭାରତୀର ସୁଅରେ ଭାସଗଲି। ବାସ୍, ତା' ପରଠାରୁ ମୁଁ ହୋଇଗଲି ବିବିଧଭାରତୀର ଶ୍ରୋତା।

୧୯୮୨ରେ ବାରବାଟୀ ଷ୍ଟାଡିୟମ୍‌ରେ ବୋର୍ଡ ସଭାପତି ଏକାଦଶ ସହ ୱେଷ୍ଟଇଣ୍ଡିଜ୍‌ର ମୁକାବିଲାବେଳେ ଆକାଶବାଣୀ କଟକକୁ ଅସମୟରେ ଲଗାଉ ଲଗାଉ ମୁଁ ଶୁଣିଲି ... ମହାନଦୀ ପଟୁ ବଲ୍ ପକାଉଛନ୍ତି ରୋଜର୍ ହାର୍‌ପର..ବଲ୍‌ଟିକୁ ଉଠାଇଲେ ଜନ୍ ଲୋଗି.. ତତ୍‌କ୍ଷଣାତ 'ିଙ୍ଗିଦେଲେ.. ଓଃ ରନ୍ ଆଉଟ୍। ବାଃ ଗୋପାଳ ଚୌଧୁରୀଙ୍କ ମିଠା ମିଠା ସ୍ୱରରେ ସେଇ ଅପୂର୍ବ ବର୍ଣ୍ଣନା ମତେ କ୍ରିକେଟ୍ ଦୁନିଆରେ ସାମିଲ୍ କରିଦେଲା। ଷଷ୍ଠ ଶ୍ରେଣୀ ବହିରେ ପଢିଥିଲି ହକି ଖେଳ ବିଷୟ। ଏବେ ବାରବାଟୀରେ କ୍ରିକେଟ୍ ଲଢେଇର ଧାରାବିବରଣୀ। ତା'ପରେ ଅଲ୍ ଇଣ୍ଡିଆ ରେଡିଓ ଦିଲ୍ଲୀ କେନ୍ଦ୍ର ଲଗାଇ ମୁଁ ଭାରତର ୱେଷ୍ଟଇଣ୍ଡିଜ୍, ପାକିସ୍ତାନ ଗସ୍ତର ଧାରାବିବରଣୀ ସମୟ ଅସମୟରେ ଲୁଚାଇ ଲୁଚାଇ ବି ଶୁଣିଛି। ବେତାର ନାଟକ ଶୁଣିଛି ତକିଆ ପାଖରେ ରେଡିଓର ସ୍ପିକର୍‌କୁ କାନରେ ଲଗାଇ। ଭଲ୍ୟୁମ୍ ପୁରା କମ୍ କରି। ଶୁଣିଛି ଶିଶୁ ସଂସାରରେ .. ଅପା ବଡ଼ଭାଇ ନମସ୍କାର୍.. ନଦୀୟା ବିହାରୀ ମହାନ୍ତି ଓ ବୀଣାପାଣି ମହାନ୍ତିଙ୍କ କଥାର କିମିଆ। କୁନି କୁନି ପିଲାଙ୍କୁ କଥାର ଯାଦୁକରୀ ସ୍ୱର୍ଣ୍ଣବୋଳା ସ୍ନେହ ଓ ମମତାରେ କୋଳାଇ ନେବାର ଅଦମ୍ୟ ଆଗ୍ରହ ରେଡିଓରେ ପ୍ରସାରିତ ଜୀବନ୍ତ ଶବ୍ଦସମୂହରୁ ବି ବାରି ହୋଇ ପଡୁଥିଲା ସେଇ ସୁନେଲୀ ଅତୀତରେ ଯାହା ଆଜି ମନେ ପକାଇବାବେଳେ ବି ଭାବନାରୁ ହୃଦୟ ପର୍ଯ୍ୟନ୍ତ ସବୁଠି ବେଶ୍ ମଧୁର ମଧୁର ଲାଗୁଛି।

ଆଉ ଟିକେ ବଡ ହେଲି। ହାଇସ୍କୁଲ୍ ଗଲି। ସେତେବେଳେ ନୂଆ କରି ବିଦ୍ୟାଳୟ କାର୍ଯ୍ୟକ୍ରମ ଦିନ ୧୨ଟା ୩୦ରୁ ୧୨ଟା ୫୦। ଶନିବାର କେବଳ ଶୁଣିପାରେ। ହାଇସ୍କୁଲ୍ ଶିକ୍ଷକ ରାଜୀବଲୋଚନ ପଣ୍ଡା ପରାମର୍ଶ ଦେଲେ ପିଲମାନେ କେବେ କେମିତି ଇଂରାଜୀ ସମ୍ବାଦ ଟିକେ ଟିକେ ଶୁଣ। ଶିକ୍ଷକ ସେକଥା କହିବା ଆଗରୁ ମୁଁ ଇଂରାଜୀ ସମ୍ବାଦ ଶୁଣୁଥିଲି। କେଳେ ଅଣଆନୁଷ୍ଠାନିକ ବେତାର ସମ୍ବାଦ ଶବଙ୍କ ରୁଚି ଏବେ ଆନୁଠାନିକ ଶ୍ରବଣର ରୂପ ନେଇଗଲା।

କେବଳ ଆକାଶବାଣୀ ନୁହେଁ ବିବିସି ବି ଶୁଣିମାବୁ ଭଲ ଲାଗୁଥିଲା। ସବୁଠୁ ମଜାର କଥା ହେଲା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିଧନ ସମ୍ବାଦ ମୁଁ ଶୁଣିଥିଲି ବିବିସିରୁ ସକାଳ ୯ଟା ୩୦ରେ। ସ୍କୁଲକୁ ଯିବା ପୂର୍ବରୁ। ***(କ୍ରମଶଃ)***

# ମହାମାନବଙ୍କ ଧର୍ମନିରପେକ୍ଷତା



**ବିଘ୍ନେଶ୍ୱର ସାହୁ**

**(ପୂର୍ବ ପ୍ରକାଶ ଉତ୍ତାରୁ)**

ଅବଶ୍ୟ ଏଥି ପାଇଁ ସେ ଦେଶର ପ୍ରଚଳିତ ସାଧାରଣ ଆଇନ୍ କାନୁନ୍‌ର ପରିସର ମଧ୍ୟରେ ରହିବାକୁ ବାଧ ଅଟନ୍ତି । ମିସନାରୀ କାର୍ଯ୍ୟକ୍ରମରେ ରାଷ୍ଟ୍ର ହସ୍ତକ୍ଷେପ କରିବ ନାହିଁ କିମ୍ବା ବିଦେଶୀ ଶାସନ କାଳରେ ସେମାନେ ପାଉଥିବା ରାଷ୍ଟ୍ରର ପ୍ରୋତ୍ସାହନ ଏବେ ଆଉ ପାଇବ ନାହିଁ ।" ପରବର୍ତ୍ତୀକାଳରେ ଏହି ଚିନ୍ତାଧାରା ସମ୍ବିଧାନର ଧାରା ୨୫, ୨୬ ଓ ୨୭ ରେ ପ୍ରତିଫଳିତ ହୋଇଛି ।

ଏହି ପ୍ରସଙ୍ଗଟିକୁ ଅଧିକ ପ୍ରାଞ୍ଜଳ ଭାବରେ ଗାନ୍ଧିଜୀ ତହିଁ ପରଦିନ ଅର୍ଥାତ୍ ଅଗଷ୍ଟ ୧୭ ତାରିଖଦିନ ନାରକେଲଡଙ୍ଗାରେ ବୁଝାଇ ଯାହା କହିଥିଲେ, ତାହା ହରିଜନ ପତ୍ରିକାରେ ଏହିଭଳି ପ୍ରକାଶିତ ହୋଇଥିଲା: "ମୋର ସ୍ୱପ୍ନର ଯେଉଁ ଭାରତବର୍ଷରେ ସବୁ ନାଗରିକ ସମାନ ଭାବରେ ବସବାସ କରିବାର ସୁଯୋଗ ପାଇବେ, ସେମାନଙ୍କର ଧର୍ମ ଯାହାବି ହେଉନା କାହିଁକି । ଧର୍ମ ବିଷୟରେ ତଥା ବ୍ୟକ୍ତିର ଧର୍ମପାଳନ କ୍ଷେତ୍ରରେ ରାଷ୍ଟ୍ର ସଂପୂର୍ଣ୍ଣ ଭାବରେ ତଥା ସାମଗ୍ରିକ ଭାବରେ ନିରପେକ୍ଷ ରହିବାକୁ ବାଧ । ତେଣୁ କୌଣସି ନିର୍ଦ୍ଦିଷ୍ଟ ଧର୍ମୀୟ ମୂଲ୍ୟବୋଧ ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନ ରାଷ୍ଟ୍ରର ପ୍ରୋତ୍ସାହନ ପାଇବାରୁ ବଞ୍ଚିତ ହେବ। ଏହିଭଳି ଆଇନ ଦୃଷ୍ଟିରେ ସବୁ ନାଗରିକ ସମାନ ବୋଲି ବିବେଚିତ ହେବେ ।" ଏହାର ୫ ଦିନପରେ, ଅଗଷ୍ଟ ୨୨ ତାରିଖଦିନ କଲିକତାର ଦେଶବନ୍ଧୁ ପାର୍କଠାରେ ଏକ ସଭାରେ ଭାଷଣ ଦେବା ଅବସରରେ ଗାନ୍ଧିଜୀ କହିଲେ, "ଧର୍ମ ହେଉଛି ଏକ ବ୍ୟକ୍ତିଗତ ବିଷୟ। ଆମେ ଏହାକୁ ବ୍ୟକ୍ତିଗତ ସ୍ତରରେ ରଖିବାରେ ସଫଳ ହେଲେ ଆମର ରାଜନୈତିକ ଜୀବନ ସେହି ଅନୁପାତରେ ନିର୍ମଳ ତଥା ସମସ୍ୟାବିହୀନ ହେବ। ଯଦି ପ୍ରଶାସନିକ ଅଧିକାରୀମାନେ ସାଧାରଣ ଜନତାଙ୍କ ସହିତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ନିର୍ମାଣର ଦାୟିତ୍ୱକୁ କାୟମନୋବାକ୍ୟରେ ତୁଲାଇବାକୁ ଚେଷ୍ଟା କରିବେ, ତାହାହେଲେ ଆମେ ଏକ ନୂଆ ଭାରତ ଗଢ଼ିବାରେ ସକ୍ଷମହେବୁ, ଯାହାପାଇଁ ଆମେ ବିଶ୍ୱର ଗର୍ବରୂପେ ବିବେଚିତ ହେବୁ।"

୧୯୪୭ ନଭେମ୍ବର ୧୫ ତାରିଖଦିନ ସଂଖ୍ୟାଲଘୁ ଅଧିକାର, ଶରଣାର୍ଥୀମାନଙ୍କ ଥଇଥାନ ଓ ଅନ୍ୟାନ୍ୟ କେତେକ ବିଷୟରେ ଏ.ଆଇ.ସି.ସି କେତେକ ପ୍ରସ୍ତାବ ଗ୍ରହଣ କରିଥିଲା । କଂଗ୍ରେସର ଲକ୍ଷ୍ୟକୁ ବିଶଦ ଭାବରେ ବୁଝାଇବାକୁ ଯାଇ କୁହାଯାଇଥିଲା ଯେ, ଭାରତବର୍ଷ ଏକ ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ରାଷ୍ଟ୍ର ଯେଉଁଠି ସବୁ ନାଗରିକମାନଙ୍କର ଅଧିକାର ସମାନ ଅଟେ। ଗାନ୍ଧିଜୀ ଏହି ପ୍ରସ୍ତାବଗୁଡ଼ିକୁ ଆନ୍ତରିକ ଭାବରେ ସ୍ୱାଗତ କରିଥିଲେ ଏବଂ ପ୍ରସ୍ତାବର ଗୁରୁତ୍ୱ ଦୃଷ୍ଟିରୁ ପ୍ରତ୍ୟେକ ପ୍ରସ୍ତାବକୁ ସେ ନିଜେ ସମସ୍ତଙ୍କୁ ବୁଝାଇବେ ବୋଲି କହିଥିଲେ।

୧୯୪୭ ନଭେମ୍ବର ୨୮ ତାରିଖରେ ଗୁରୁନାନକଙ୍କ ଜନ୍ମ ଦିବସରେ ଏକ ଭାଷଣରେ ସରକାରୀ ଖର୍ଚ୍ଚରେ ସୋମନାଥ ମନ୍ଦିରର ପୁନରୁଦ୍ଧାର ପ୍ରସ୍ତାବକୁ ବିରୋଧ କରିଥିଲେ। ଏହାର କାରଣକୁ ଅଧିକ ପ୍ରାଞ୍ଜଳ କରିବା ଉଦ୍ଦେଶ୍ୟରେ ଗାନ୍ଧିଜୀ କହିଥିଲେ, "ଆମେ ଆମ ସମସ୍ତଙ୍କ ପାଇଁ ସରକାର ଗଢ଼ିଲୁ। ଏହା ଏକ ଧର୍ମନିରପେକ୍ଷ ରାଷ୍ଟ୍ର, ଧର୍ମୀୟ ରାଷ୍ଟ୍ର ନୁହେଁ। ଅର୍ଥାତ୍ ଏହା କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକ ନୁହେଁ । ଏହି ରାଷ୍ଟ୍ରରେ ସବୁଧର୍ମର ବ୍ୟକ୍ତି ସମାନ ଭାବେ ବସବାସ କରନ୍ତି। ତେଣୁ ଏହି ରାଷ୍ଟ୍ର କୌଣସି ଏକ ଧର୍ମର ସ୍ୱାର୍ଥ ବିଚାରରେ ଅର୍ଥ ବ୍ୟୟ ନ ହୋଇପାରେ।"

ଗାନ୍ଧିଜୀ ବୁଝିଥିଲେ ଯେ, ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ରକୁ ତିଷ୍ଠିବା ପାଇଁ ସମାଜର ସମର୍ଥନ ଦରକାର। ଏକ ଧର୍ମନିରପେକ୍ଷ ରାଷ୍ଟ୍ର ସହିତ ମାନବିକ ମୂଲ୍ୟବୋଧର ଐତିହାସିକ ଏବଂ ସାମାଜିକ ସମ୍ପର୍କକୁ ଗାନ୍ଧିଜୀ ସ୍ୱାଭାବିକ ଭାବରେ ବୁଝି ପାରିଥିଲେ। କିନ୍ତୁ ୧୯୬୯ ପରେ ପରେ ଏହି ତତ୍ତ୍ୱଟିରୁ ଗୁରୁତ୍ୱ ଅବହେଳିତ ହେବା ଫଳରେ ସମାଜରେ ହିନ୍ଦୁତ୍ୱ ଶକ୍ତିର ପ୍ରାଧାନ୍ୟ ବିସ୍ତାର ହେଲା। ଆତତାୟୀର ଗୁଳିରେ ଶିକାର ହେବାର ୬ ଦିନ ପୂର୍ବରୁ ଗାନ୍ଧିଜୀ ଲେଖିଥିଲେ, "ରାଷ୍ଟ୍ରନିର୍ମାଣ ପାଇଁ ଗଠନ ମନୋଭାବାପନ୍ନ କର୍ମୀମାନଙ୍କର ସଙ୍ଗଠନର ଅବଶ୍ୟକତା ରହିଛି । ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ସେବା ହେବ ସେମାନଙ୍କ ପାଇଁ ସ୍ୱୀକୃତି ଏବଂ ସେମାନଙ୍କର ପାରଦର୍ଶିତା ହେବ ସେମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ । ଏହି ସଙ୍ଗଠନରୁ ମନ୍ତ୍ରୀମାନେ ପ୍ରେରଣା ପାଇବେ ଏବଂ ଧର୍ମନିରପେକ୍ଷ ଶାସନ ପାଇଁ ଏହି ସଂଗଠନମାନେ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେବେ ତଥା ମାର୍ଗଦର୍ଶନ କରାଇବେ।'

କେତେକ ବିଷୟରେ ଗାନ୍ଧି ଓ ନେହେରୁଙ୍କ ମଧ୍ୟରେ ଗଠନମୂଳକ ମତାନ୍ତର ଥିଲା। ଗାନ୍ଧିଜୀଙ୍କର ଧାର୍ମିକ ପ୍ରାଣ ନେହେରୁଙ୍କଠାରେ ଦେଖିବାକୁ ମିଳେନାହିଁ। ଉଭୟ ଖୋଲାଖୋଲି ଭାବେ ନିଜ ନିଜର ମତପ୍ରକାଶ କରୁଥିଲେ। ପରସ୍ପର ମଧ୍ୟରେ ପତ୍ର ବିନିମୟ ଦ୍ୱାରା ମଧ୍ୟ ନିଜ ମତ ସପକ୍ଷରେ ଯୁକ୍ତି ଉପସ୍ଥାପନ କରୁଥିଲେ। ନେହେରୁ ତାଙ୍କ ଡ଼ାଏରୀରେ ମଧ୍ୟ ବ୍ୟକ୍ତିଗତ ମତପାର୍ଥକ୍ୟ ବିଷୟ ଉଲ୍ଲେଖ କରିଛନ୍ତି। କେତେକ ଲେଖକ ଏହି ପାର୍ଥକ୍ୟକୁ ବାସ୍ତବତାଠାରୁ ବଡ଼କରି ଦେଖନ୍ତି ବା ଏହା ଉପରେ ବେଶୀ ଧ୍ୟାନ ଦିଅନ୍ତି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ବନ୍ଧରେ ଉଭୟଙ୍କ ଚିନ୍ତା, ଚିନ୍ତାଧାରା, ଦୃଷ୍ଟିକୋଣ ଓ ମତ ଅତି ନିବିଡ଼ ଭାବରେ ଏକ ଥିଲା। ଧର୍ମ ନିରପେକ୍ଷତା ସମ୍ବନ୍ଧରେ ଗାନ୍ଧିଜୀଙ୍କ ଦୃଷ୍ଟିକୋଣ ନେହେରୁଙ୍କ ଦୃଷ୍ଟିକୋଣ ସହିତ ସମାନ ଥିଲା। ସେହିଭଳି ନେହେରୁ ଭାରତୀୟ ଜାତୀୟତା କହିଲେ ଯାହା ବୁଝୁଥିଲେ, ତାହାହିଁ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଥିଲା। ୧୯୪୭ ଅଗଷ୍ଟ ୧୫ ତାରିଖଠାରୁ ଇତିହାସରେ ପ୍ରଥମଥର ପାଇଁ ଭାରତବର୍ଷର ସୀମା ମାନଚିତ୍ରରେ ନର୍ଦ୍ଦିଷ୍ଟ ଭାବରେ ଅଙ୍କାଯାଇପାରିଥିଲା ଏବଂ ଏହି ସୀମା ଭିତରର ସମସ୍ତ ଜଳ ଓ ସ୍ଥଳ ଭୂମିକୁ ଭାରତ ଓ ଏହି ସୀମା ଭିତରେ ରହୁଥିବା ସବୁ ବ୍ୟକ୍ତିଙ୍କୁ ଭାରତୀୟ ଜାତିର ପରିଚୟ ମିଳିଲା। କିନ୍ତୁ ଜାତିର ଏଭଳି ସଂଜ୍ଞାକୁ ହିନ୍ଦୁ ମହାସଭା, ମୁସଲିମ୍ ଲିଗ୍ ଓ ତତ୍କାଳୀନ କମ୍ୟୁନିଷ୍ଟ ପାର୍ଟି ବିରୋଧ କରୁଥିଲେ। ସେମାନଙ୍କର ମତରେ ଗୋଟିଏ ଜାତିର ପରିଚୟ ଧର୍ମଦ୍ୱାରା ନିୟନ୍ତ୍ରିତ ବା ପରିଚିତ ହୁଏ।

ସାମଞ୍ଜସ୍ୟ ଅପେକ୍ଷା ପାର୍ଥକ୍ୟ ଯଦି ଅଧିକ ହୁଏ, ତେବେ ଏକା ସାଙ୍ଗରେ କାମ କରିବା ସମ୍ଭବ ହୁଏ ନାହିଁ। ଗାନ୍ଧି ଓ ନେହେରୁ କେତେ ଦଶନ୍ଧିଧରି ଏକ ସଂଗେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। କଂଗ୍ରେସ ସଭାପତି ଭାବେ ଗାନ୍ଧିଜୀ ୧୯୨୪ରେ ନେହେରୁଙ୍କୁ ଦଳର ସଂପାଦକ ରଖିଥିଲେ। ସେହିପରି ନେହେରୁଙ୍କ ନାମ ସଭାପତି ପଦ ପାଇଁ ଚାରିଥର ସୁପାରିଶ କରିଥିଲେ। ଗାନ୍ଧି ଓ ନେହେରୁଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବିଭିନ୍ନ ଆଦର୍ଶଗତ ଦୃଷ୍ଟିକୋଣରୁ ପ୍ରଦର୍ଶିତ କରାଯାଇଛି। ହିନ୍ଦୁତ୍ୱର ସମର୍ଥକ ମାନେ ନେହେରୁଙ୍କୁ ଗାନ୍ଧିଙ୍କଠାରୁ ଅଲଗା କରି ଦେଖିବା ଓ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ରାଜନୈତିକ ଥିଲା।

ନେହେରୁଙ୍କୁ ଏକୁଟିଆ କରିବା ଦ୍ୱାରା ତାଙ୍କ ଉପରେ ରାଜନୈତିକ ଆକ୍ରମଣ ସହଜ ହେଉଥିଲା। ୧୯୬୯ ମସିହାରେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପ୍ରତି ଅନୁରକ୍ତି ପ୍ରକାଶର ଜରୁରୀ ଆବଶ୍ୟକତା କେହି କେହି ଅନୁଭବ କରି ନେହେରୁଙ୍କ ପ୍ରତି ତାଙ୍କ ପ୍ରତିପକ୍ଷ ବ୍ୟବହାର କରିଥିବା ଅସ୍ତ୍ରକୁ ସେମାନେ ନିଜେ ବ୍ୟବହାର କଲେ। ଏହାଫଳରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ (୧୯୩୯-୪୧) ଥିବା ବସନ୍ତ ସାଠେଙ୍କ ଭଳିଆ କିଛି ନେତା ନିଜକୁ ନେହେରୁପନ୍ଥୀ ବୋଲି ଘୋଷଣା କରିବାରେ ଦ୍ୱିଧା ଅନୁଭବ କଲେ ନାହିଁ। କିଛି କମ୍ୟୁନିଷ୍ଟ ନେତା ମଧ୍ୟ ଏହି ପନ୍ଥା ଅନୁସରଣ କରି କଂଗ୍ରେସରେ ସାମିଲ ହୋଇଥିଲେ। କିଛି ଗାନ୍ଧିବାଦୀ ନେତା ମଧ୍ୟ ନେହେରୁ - ଗାନ୍ଧି ମଧ୍ୟରେ ଥିବା ପାର୍ଥକ୍ୟକୁ ବଢ଼ାଇ ନିଜକୁ ନେହେରୁ ପନ୍ଥୀ ବୋଲି ପରିଚିତ କରାଇଥିଲେ।

## ସ୍ୱାଧ୍ୟାୟ

(୮) ଈଶ୍ୱର ସାକ୍ଷାତକାର ପାଇଁ ତୀବ୍ର ଉତ୍କଣ୍ଠା ରଖିବା ଓ ଈଶ୍ୱରଙ୍କ ଶରଣାଗତିକୁ ସ୍ୱୀକାର କରିବା। (୯) ଜୀବନ କ୍ଷଣସ୍ଥାୟୀ, ମୃତ୍ୟୁ ଅନିବାର୍ଯ୍ୟ ତେଣୁ ସତତ୍ ସାଧନାରେ ଲାଗି ରହିବା। (୧୦) ସାଧନା ପାଇଁ ସମୟ ନାହିଁ ଏଭଳି ଦଲିଲ ନକରି ଅନ୍ୟମାନଙ୍କ ସହ ଗପସପକୁ କମକରି ସାଧନାରେ ଉତ୍ସାହୀ ହେବା। (୧୧) ଯାହା ଆଜି କରିବାର ଅଛି ତାହା ବର୍ତ୍ତମାନ ଆରମ୍ଭ କର କାଲି ପାଇଁ ଛାଡନାହିଁ। (୧୨) ନିଜର କାର୍ଯ୍ୟ କ୍ଷମତାର ଡମ୍ବରୁ ନପିଟି ଆଡମ୍ବର ବିନା କର୍ମ କରିଚାଲ। (୧୩) ସରଳ, ବିନମ୍ର ରୁହ। (୧୪) ପ୍ରତିଦିନ କିଛି ସମୟ ଏକାନ୍ତରେ କାଟିବା। (୧୫) କୁସଙ୍ଗ, ବାଦବିବାଦରୁ ଦୂର ରହିବା। (୧୬) ଲୋଭ, ଈର୍ଷା, ସ୍ୱବିଜ୍ଞାପନ ଏହି ତିନୋଟିରୁ ଦୂର ରହିବା। (୧୭) ଧୈର୍ଯ୍ୟ ରଖି ଉତ୍ସାହୀ ହେବା। (୧୮) ପ୍ରତ୍ୟେକ ଚେହେରାରେ, ବସ୍ତୁରେ ଈଶ୍ୱରଙ୍କୁ ଦର୍ଶନ କରିବା। (୧୯) ନିଜ ପ୍ରଶଂସା ଶୁଣିବା ପାଇଁ ଆକାଂକ୍ଷା ରଖନାହିଁ ଏବଂ ଟିକା, ଟିପ୍ପଣୀ, ନିନ୍ଦାର ବେଖାତିର ରଖିବା। (୨୦) ବିବେକ ଏବଂ ବୈରାଗ୍ୟ ଦ୍ୱାରା ନିଜ ଭାବନା ସଂଯମତା ରଖିବା। (୨୧) କିଛି କରିବା ପୂର୍ବରୁ ଦୁଇଥର ଚିନ୍ତାକର ଏବଂ କିଛି କହିବା ପୂର୍ବରୁ ତିନିଥର ଚିନ୍ତା କରନ୍ତୁ। (୨୨) ପ୍ରତ୍ୟେକ ପ୍ରକାର ଦୁଃଖ ସହନ କରିବା ପାଇଁ ସଜାଗ ରହିବା। (୨୩) ଯେତେବେଳେ ମନ ଅଧୋମୁଖୀ ହେବାକୁ ଯାଏ ସେତେବେଳେ ସତସଙ୍ଗ, ପ୍ରାର୍ଥନା, ସତଚିନ୍ତନର ଆଶ୍ରୟ ନିଅନ୍ତୁ। (୨୪) ନିଜ ଭୁଲକୁ ଖୋଜି ବାହାର କର ମାତ୍ର ଅନ୍ୟର ସଦ୍‌ଗୁଣକୁ ଦେଖ। (୨୫) ଆଶା, ଆକାଂକ୍ଷା, ଇଚ୍ଛା ଏସବୁ ଦୁଃଖର କାରଣ ତେଣୁ ସନ୍ତୋଷୀ ହେବା ଉଚିତ୍।



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**

ଅନୁବାଦ- ଉପାଳୀ ଦାଶ



(୨୬) ମୌନ ରହିବା ବହୁ ଲାଭକାରୀ ଅଟେ। ସଦୈବ ମୌନ ରହିବା ଅଭ୍ୟାସ ରଖିବା। (୨୭) କେହି କଟୁ ବଚନ, ତୀବ୍ର ଶବ୍ଦ କୁହେ କିମ୍ବା ଅପମାନ କରେ, ଗାଳିକରେ ତେବେ ବି ନିଜକୁ ଶାନ୍ତ ରଖିବା, କାରଣ ଏ ଶବ୍ଦ କେବଳ ମାତ୍ର ବାୟୁ ତରଙ୍ଗ ଭଳି ଅଟେ। ସଂସାରର ରଙ୍ଗମଞ୍ଚ ଉପରେ କୁହାଯାଇଥିବା କିଛି ନାଟକୀୟ ସଂବାଦ। (୨୮) ସମସ୍ତ ସ୍ତ୍ରୀ ଜାତିଙ୍କ ପ୍ରତି ମାତୃଭାବ ପୋଷଣ କର। କାମୁକତା ବିଋର ସମୂଳ ଭାବେ ନଷ୍ଟ କର, ଭଉଣୀ ମାନଙ୍କୁ ମାନସିକ ପ୍ରଣାମ କର। (୨୯) ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହ। ଶରୀରର ଆବଶ୍ୟକତା ଅନୁସାରେ ଖାଦ୍ୟ ପାନୀୟ ନେବା ତଥା ଆସନ, ପ୍ରାଣାୟମର ଅଭ୍ୟାସ। (୩୦) ବ୍ୟକ୍ତିଗତ ଅଥବା ଗୁପ୍ତ ସମ୍ବନ୍ଧ କେବଳ ଈଶ୍ୱରଙ୍କ ଠାରେ ରଖ। ବ୍ୟବହାରିକ ସମ୍ବନ୍ଧ ସଂସାର ସାଥେ ରଖ।

ଏଥିସହିତ ସ୍ୱାମୀ ଶ୍ରୀଶିବାନନ୍ଦଜୀ ମହାରାଜ ଦୈନିକ ଡାୟରୀ ଲେଖିବା ପାଇଁ ଉପଦେଶ ଦେଇଛନ୍ତି। ଦୈନିକ କାର୍ଯ୍ୟକଳାପ ଗୁଡିକ ସଚ୍ଚୋଟତାର ସହିତ ରାତିରେ ଶୋଇବା ପୂର୍ବରୁ ସେଥିରେ ଲେଖି ଶୋଇବା ପାଇଁ ସ୍ୱାମିଜୀ କହିଛନ୍ତି। କିଛି ପ୍ରଶ୍ନ ସ୍ୱାମିଜୀ ପ୍ରସ୍ତୁତ କରିଛନ୍ତି ଯାହା ଲେଖି ତାର ଉତ୍ତର ଗୁଡିକ ଠିକ୍ ଠିକ୍ ଭାବେ ଲେଖିବାକୁ କହିଛନ୍ତି। ସେହି ପ୍ରଶ୍ନ ଗୁଡିକ ହେଲା – (୧) କେତେ ସମୟ ଶୋଇଛ ? (୨) କେତେ ସମୟରେ ଉଠିଲ ? (୩) କେତେ ମାଳା ଜପ କରିଛ ? (୪) କେତେ ସମୟ ବ୍ୟାୟାମ କରିଛ ? (୫) କେତେ ସମୟ ପ୍ରାଣାୟମ କରିଛ ? (୬) ଗୀତାର କେତୋଟି ଶ୍ଳୋକ ପଢ଼ିଛ ? (୭) କେତେ ସମୟ ସତ୍‌ସଙ୍ଗ କରିଛ ? (୮) କେତେ ସମୟ ମୌନ ରହିଛ ?

***(କ୍ରମଶଃ)***

# ଅଲୋଡା ମଣିଷ



ଅମିନୀଲୁ ରାୟ

**ହେ**... ବାବୁ ... , ହେ... ବାପା ... , ହେ... ଝିଅ ... ପଇସାଟିଏ ଦିଅ । ତୁମର ଧରମ ହେବ।

ଗ୍ରୀଷ୍ମ ଦିନ । ମୁଣ୍ଡଫଟା ଖରାରେ ବସି ରାସ୍ତା କଡରେ ଭିକ ମାଗୁଥିଲା ବୁଢୀଲୋକଟି । ଦେହରେ ଟିକିଏ ହେଲେ ମାଂସ ନାହିଁ, ଚମ ଧୁଡୁଧୁଡୁ, ଧଳା ଫରଫର କେଶ, ଆଖି କୋରଡରେ ପଶିଗଲାଣି, ମଇଳାରେ ଜୁଡୁବୁଡୁ ସାତସିଆଁ ଲୁଗା ଖଣ୍ଡେ ପିନ୍ଧି ଏ ବୟସରେ ସେ ନିଜକୁ ବଞ୍ଚାଇବା ପାଇଁ ଅହରହ ଏଠାରେ ଭିକ ମାଗୁଛି।

ସେଦିନ ଅଫିସ୍‌ରୁ ଫେରୁଥିଲାବେଳେ କାହିଁକି କେଜାଣି ହଠାତ୍ ପାଦ ଦୁଇଟି ମୋ'ର ଅଟକିଗଲା ସେଇ ବୁଢୀ ମାଉସୀ ପାଖରେ । ମୁଁ ତାଙ୍କ ହାତକୁ ଦଶ ଟଙ୍କିଆ ନୋଟ୍ ଖଣ୍ଡେ ବଢାଇ ଦେଉ ଦେଉ କହିଲି-

-ମାଉସୀ, ଯଦି ଖରାପ ନ ଭାବ, ତା' ହେଲେ ଗୋଟେ କଥା ପଚାରନ୍ତି।

ସେ ମୋ ମୁହଁକୁ ବଲବଲ କରି ଚାହିଁ, ମନକୁ ମନ କ'ଣ ସବୁ ଭାବି, ପାକୁଆ ପାଟିରେ ସ୍ନେହବୋଳା କଣ୍ଠରେ କହିଲେ-

-କ'ଣ ବାପା ପଚାରିବୁ, ପଚାରେ। ଜାଣିଥିଲେ କହିବି।

ସଞ୍ଜ ନଇଁ ଆସୁଥାଏ। ଷ୍ଟ୍ରିଟ୍ ଲାଇଟ୍‌ସବୁ ଜଳିଲାଣି । ରାସ୍ତା କଡରେ ବାଦାମ୍ ବାଲା, ଗୁପ୍‌ଚୁପ୍ ବାଲା, ଦହିବରା-ଆଳୁଦମ୍ ବାଲା, ଚାଟ୍ ବାଲା ଇତ୍ୟାଦି ଆସି ଭିଡ ଯମାଉଥାନ୍ତି। ଧୀରେ ଧୀରେ ସେମାନଙ୍କ ପାଖକୁ ଗରାଖମାନଙ୍କର ସୁଅ ଛୁଟିବା ଆରମ୍ଭ ହେଉଥାଏ। ଏତିକିବେଳେ ମୁଁ ମୋ ଚଷମାକୁ ଟିକେ ରୁମାଲରେ ପୋଛିଦେଇ ପଚାରିଲି-

-ଆଛା ମାଉସୀ, ତୁମର ନିଜର ବୋଲି କ'ଣ କେହି ନାହାନ୍ତି ? ମାନେ ... ତୁମ ସ୍ୱାମୀ, ପୁଅ, ଝିଅ ...।

ମୋ ଏତିକି ଟିକେ କଥାରେ ତା ଶୁଖିଲା ଆଖିର ଦୁଇ କୋଣରୁ ହଠାତ୍ ଲୁହ ଜକେଇ ଆସିବାର ମୁଁ ଲକ୍ଷ୍ୟ କଲି । ସେ ଲୁଗା କାନିରେ ଲୁହ ପୋଛୁପୋଛୁ ମନ ଦୁଃଖରେ ମୋ ମୁହଁକୁ ଚାହିଁ କହିଲେ-

-ହଁ, ସମସ୍ତେ ଅଛନ୍ତି । କିନ୍ତୁ କେହି ନଥିଲା ପରି।

ତାଙ୍କ କଥାରୁ ମୁଁ କିଛି ବୁଝିପାରିଲିନି । କାରଣ ସେ ଦେଇଥିବା ଉତର ବୋଧହୁଏ ଜଟିଳ ଥିଲା ମୋ ପାଇଁ । ଦୋଦୋ ପାନ୍‌ଚ ହୋଇ ଆଉ ଥରେ ନମ୍ର ଭାବେ ଦୋହରାଇ ପଚାରିଲି-

-ମାଉସୀ, ଟିକେ ବୁଝେଇ କହିଲେ ଭଲ ହୁଅନ୍ତା।

-ହଉ, ପୁଅ।

ସେ ଏକ ଲମ୍ବା କାହାଣୀ । ଏଠୁ ଅନେକ ଦୂର ମୋ ଗାଁ । ଚାହିଁଲେ ଆଖି ପାଇବନି । ଗୋଟେ ବୋଲି ପୁଅ ମୋ'ର । ତାକୁ ଯେତେବେଳେ ତିନି ବର୍ଷ, ସେତେବେଳେ ତା ବାପା ହଠାତ୍ ଚାଲିଗଲେ। ଝିଅଟା ବି ପେଟରେ ବଢୁଥାଏ। ଦୁଇ ମାସର କି ତିନି ମାସର ହେବ । ମୋତେ ଚାରି ଦିଗ ଅନ୍ଧାର ଦିଶିଲା। ମୁଁ ଏକୁଟିଆ ହୋଇଯିବାରୁ ଏଣେ ପେଟର ବୋଝ ସାଙ୍ଗକୁ ଛୋଟ ପିଲାର ଲାଳନ ପାଳନ କେତେ ଯେ କଷ୍ଟ, ତୁ ଭାବିପାରିବୁନି । ଯାହାହେଉ ସବୁ ଦୁଃଖକୁ ମନ ଭିତରେ ଚାପି ରଖି, ଛାତିକୁ ଟାଣ କରି, ଯେନତେନ ପ୍ରକାରେ ବାର ଘରେ ପାଇଟି କରି, ମୂଲ ମଜୁରି ଲାଗି ଦୁଇଟି ପିଲାଙ୍କୁ ପାଠ ପଢେଇ ବଡ କଲି।

ମୋ ପୁଅ ରାମୁ କଲେଜ୍‌ରେ ବି.ଏସ୍.ସି ପଢିଲାବେଳେ ଗୋଟେ ଝିଅକୁ ଭଲପାଇଥିଲା । ସେ ଝିଅ ଘର ଭାରି ଚଳପକ୍ଷ ହୋଇଥିବାରୁ ସୁବିଧା ଅସୁବିଧା ସମୟରେ ସେମାନେ ତାକୁ ସାହାଯ୍ୟ କରନ୍ତି । ବହିପତ୍ରଠାରୁ ଆରମ୍ଭ କରି ପ୍ୟାଣ୍ଟ ସାର୍ଟ, ଏପରିକି ହଷ୍ଟେଲ ଖର୍ଚ୍ଚ ବି ବହନ କରିବାର ମୁଁ କିଛି ଜାଣିନଥିଲି । ବାହାରେ କାମଧନ୍ଦା କରି ଯେଉଁ ଦି'ପଇସା ପାଏ, ତା ପାଖକୁ ପଠାଇଦେଉଥାଏ । ହେଲେ ଏତିକି ପଇସା ଯେ ତା ପାଇଁ ଯଥେଷ୍ଟ ନୁହେଁ ବୋଲି ସେ କେବେ ମୋ ଆଗରେ ମୁହଁ ଖୋଲି କହିନି । ଅତି ବାଧ କଲେ କହେ – "ମା, ତୁ ଏତେ ବ୍ୟସ୍ତ ହେଉଛୁ କାହିଁକି ? ମୁଁ ସେତିକି ପଇସାରେ ଆରାମ୍‌ରେ ଚଳି ପାରୁଛି, ବୁଝିଲୁ ।" ହେଲେ ମୋ ମନ ମାନେନି । ସେ ମୋତେ ଯେତେ ମିଛ କହିଲେ ବି ତା ପୋଷାକପତ୍ର, ଚାଲିଚଳନରୁ ମୁଁ ଠିକ୍ ଅନୁମାନ କରିନିଏ, ଏସବୁ ଦାମୀ ଜିନିଷ ବଳକା ପଇସାରେ କିଣିବା ସମ୍ଭବ ନୁହେଁ । ପୁ'ଣି ଯେତିକି ଦିଏ, ତାହା ତ ମାସକ ଯାଏ ତାକୁ ଖାଇବାକୁ ଅଣ୍ଟୁ ନଥିବ, ଆଉ ସେ ଦାମୀ ଦାମୀ ପୋଷାକ କିଣି ପିନ୍ଧିବ ବା କେମିତି ? ମୋ'ର ଦିନକୁ ଦିନ ତା ଉପରେ ବେଶୀ ବେଶୀ ସନ୍ଦେହ କରିବା ବଢିଚାଲେ।

ପରୀକ୍ଷା ସରିଯିବାରୁ ସେ ଘରକୁ ଆସିଥାଏ । ଅଗଣାରେ ଚୁପ୍‌ଚାପ୍ ବସି ଅନ୍ୟମନସ୍କ ଭାବେ କ'ଣ ସବୁ ଭାବୁଥିଲାବେଳେ, ମୁଁ ତା ଝାଲୁଆ ମୁହଁକୁ ମୋ ପଣତକାନୀରେ ଟିକେ ପୋଛି ଦେଇ କହିଲି-

-ବାପାରେ, ଏହା ପରେ କ'ଣ କରିବୁ ବୋଲି ଭାବିଛୁ ?

-ଆହୁରି ପଢିବି । ନୋହିଲେ ଚାକିରି ହେବ କେମିତି ?

-ଏତେ ପଇସା କେଉଁଠୁ ଆସିବ ? ମୁଁ ଆଉ ପାରୁନିରେ ...।

ଏତିକି କହୁ କହୁ ସେ ଲୁହ ଛଳଛଳ ଆଖିରେ ମୋ ପିଠିକୁ ଟିକିଏ ଆଉଁସିଦେଇ ସ୍ମିତ ହସି କହିଲା – ମା', ତୁ କାହିଁକି ଏତେ ଚିନ୍ତା କରୁଛୁ କହିଲୁ ? ମୁଁ ଟ୍ୟୁସନ୍ କରି ମୋ ପଢା ଖର୍ଚ୍ଚ ତୁଲେଇ ନେବି।

ଦିନ ଗଡିଚାଲିଥାଏ । ପୁଅ ମୋ'ର ଶେଷରେ ଇଞ୍ଜିନିୟରିଂ ପାସ୍ କରି ଦିଲ୍ଲୀର କେଉଁ ଏକ ବଡ କମ୍ପାନୀରେ ଚାକିରି ପାଇଲା । ସେ ଏଇ ପାଠ ପଢିବ ବୋଲି ଯିଦି କରିବାରୁ ମୁଁ ଆଉ କିଛି ଉପାୟ ନ ପାଇ ମୋ ସାତ ପୁରୁଷର ଭିଟାମାଟି ଖଣ୍ଡିକ ଆମ ଗାଁ ସାହୁକାର ପାଖରେ ବନ୍ଧକ ରଖି ପଚାଶ ହଜାର ଟଙ୍କା ଆଣିଥିଲି, ହେଲେ ସେ ଏସବୁ ବିଷୟରେ କିଛି ଜାଣିନି । ମନେ ପଡୁଛି, ତାକୁ ସେଦିନ ଏତେଗୁଡିଏ ଟଙ୍କା ଦେଲାବେଳେ, ସେ ଆଶ୍ଚର୍ଯ୍ୟ ସହକାରେ ମୋତେ ଏତିକି ପଚାରିଥିଲା –

-ମା, ତୁ ଏତେ ଟଙ୍କା ଆଣିଲୁ କେମିତି ?

-ଧାର ସୂତ୍ରରେ ଆଣିଛି । ତୁ ପାଠ ପଢି ଚାକିରି କଲା ପରେ ସୁଝି ଦେବିନି ?

-ହଉ ...।

ରାମୁ ଦିଲ୍ଲୀରେ ରହୁଥାଏ । ଆମେ ମା' ଝିଅ ଦୁହେଁ ଏଠି ସେମିତି ଦୁଃଖେ କଷ୍ଟେ ଚଳୁଥାଉ । ହେଲେ ଦିନକ ପାଇଁ ସେ ଆମକୁ ଫୋନ୍ କରିନି କି କେମିତି ଅଛ ପଚାରି ବୁଝିନି। କିଛିଦିନ ପରେ ହଠାତ୍ ଶୁଣିବାକୁ ପାଇଲି ସେ ସେହି ଧନୀ ଘର ଝିଅକୁ ବାହାହୋଇ ଯାଇଛି। ମୁଁ ଏକଥା ତା'ର ପିଲା ଦିନର ସାଙ୍ଗ ବିଜୟ ଠାରୁ ଶୁଣି ଥମ୍ କିନା ବସିପଡିଲି। ମୁଣ୍ଡଟା ମୋ'ର କାହିଁକି ଘୁରେଇ ଦେଲା । କିଛି ସମୟ ପାଇଁ ମୋତେ କିଛି ଦେଖା ଗଲାନି । ମୁଁ ମନେ ମନେ କେତେ କ'ଣ ଭାବିଥିଲି - ପୁଅ ମୋ'ର ବଡ ହେବ, ଚାକିରି କରିବ, ମୋ ମନଲାଖି ସୁନାନାକୀ ବୋହୂଟିଏ ଘରକୁ ଆଣିବି, ତା ହାତ ପରସା ଖାଇବି, ନାତି ନାତୁଣୀ ଦେଖିବି ...। ହେଲେ ଶେଷରେ ମୋ'ର ସବୁ ସ୍ୱପ୍ନ, ସବୁ ଆଶା ଭାଙ୍ଗି ଚୁରମାର୍ ହୋଇଗଲା । ମୁଁ ନିଜକୁ ଆଉ ସହିପାରିଲିନି। ସେ ଦେଇଥିବା ଫୋନ୍ ନମ୍ବରଟାକୁ ନେଇ ସାହୁକାରଙ୍କ ପାଖକୁ ଧାଇଁଗଲି, ତା ସାଙ୍ଗରେ ଦି'ପଦ କଥା ହେବା ପାଇଁ । ତାଙ୍କୁ ଅନୁନୟବିନୟ କରିବାରୁ ସେ ମୋ ବିକଳ ସହି ନ ପାରି ତା ପାଖକୁ ଫୋନ୍ ଲଗେଇଲେ।

-ହଁ ... , ରାମୁ କହୁଛୁ ... ? ମୁଁ ...

-ଆଜ୍ଞା..., ନମସ୍କାର।

-ଆରେ ତୋ ମାଆ କଥା ହେବାକୁ ଚାହୁଁଛି । ତା ସାଙ୍ଗରେ ଟିକେ କଥା ହ'।

ସାହୁକାର ରିସିଭର୍‌ଟାକୁ ମୋ କାନ ପାଖରେ ଲଗେଇଦେଲେ। ମୁଁ ରାମୁ ... କହି କାନ୍ଦିବାକୁ ଲାଗିଲି । ମୋ କାନ୍ଦ ଯମାରୁ ବନ୍ଦ ହେଉନଥିଲା । ସେ ସଙ୍ଗେ ସଙ୍ଗେ ମୋ କାନ୍ଦରେ ପୂର୍ଣ୍ଣଛେଦ ପକାଇ କହିଲା–ମା, ମୋତେ ଭୂଲ୍ ବୁଝିବୁନି । ବିବାହ ଏତେ ଜଲ୍‌ଦି ହେଲା ଯେ ମୁଁ ତୋତେ କହିବାକୁ ...।

ସେ କହୁଥିବାବେଳେ ବୋହୂ ରାଗରେ ଆସି ରାମୁ ହାତରୁ ଫୋନ୍‌ଟାକୁ ଛଡେଇନେଇ ମୋତେ ତାଗିଦ୍ କରି କହିଲା – "ଶୁଣ ... । ଆଉ କେବେ ଏଠାକୁ ଫୋନ୍ କରିବନି । ତମେ ଯେମିତି ରହୁଛ ରୁହ, ଯାହା କରୁଛ କର, ଆମର ସେ ବିଷୟରେ ଜାଣିବା କିଛି ଦରକାର ନାହିଁ । ଯଦି ପୁ'ଣି କରିବ, ତେବେ ଚିହ୍ନିବ ମୋତେ ।"

ତା ମୁହଁରୁ ଏତକ ଶୁଣି ମୁଁ ଯେମିତି ସ୍ଥାଣୁ ପାଲଟିଗଲି। ଅନ୍ୟମନସ୍କଭାବେ କେତେବେଳେ ଆସି ଘରେ ପହଞ୍ଚିଛି, ଜାଣିନି । ଝିଅ ମୋ' ହାତକୁ ଖୁସିରେ ପାଣି ଢାଳଟା ଦେଇ ହସହସ ମୁହଁରେ ପଚାରିଲା –

"ଭାଇ କେବେ ଆସିବ ? କ'ଣ ସବୁ କହୁଥିଲା ? ସେଠାରେ ସେ ଭଲରେ ଅଛି ତ ? ଭାଉଜ ତୋ ସାଙ୍ଗରେ କଥା ହେଲେ ? ବୁଝିଲୁ ବୋଉ, ମୋ'ର ଭାରି ଇଛା ହେଉଛି, ଆମ ନୂଆ ଭାଉଜଙ୍କୁ ଟିକେ ଦେଖିବାକୁ। ସେ ଆମ ଭାଇ ସାଙ୍ଗକୁ ଠିକ୍ ହେଉଥିବେ ନା ? ଆମକୁ ତାଙ୍କ ପାଖକୁ ଯିବାକୁ କହିଛନ୍ତି ତ ?"

ତା ପ୍ରଶ୍ନ ବାଣରେ ମୁଁ ଛନ୍ଦିହୋଇ ପଡୁଥିଲି ଯେମିତି। କ'ଣ କହି ତାକୁ ବୁଝେଇବି, କିଛି ଭାବିପାରୁ ନଥିଲି। ଭୋକ ପେଟରେ ପାଣି ଢୋକେ ପାଟିକୁ ନେଇ ଏତିକି କହିଲି –" ସିଏ ତ ସେଠାରେ ରାଜା ପରି ଅଛି । କେତେ ଚାକର ପୂଜାରୀ ତା'ର ସେବା କରୁଛନ୍ତି। ଆମେ ମଳିମୂଣ୍ଡିଆ ଲୋକ। ତା ପାଖକୁ ଗଲେ ସେ କ'ଣ ଭାବିବ କହିଲୁ ? ତା ଇଜ୍ଜତରେ ଦାଗ ଲାଗିଯିବନି ? ଶୁଣୁ, ତୋ ଭାଇ ପୁରା ବଡ ହୋଇଯାଇଛି । ଏତେ ବଡ ଯେ, ଚାହିଁଲେ ଆଖି ପାଇବନି ।" ମୁଁ ଏସବୁ କହୁଥିଲାବେଳେ ସେ ମୋ ଉପରେ ବିରକ୍ତ ହୋଇ କହିଲା–"ତୁ କ'ଣ ସେମିତି ପାଗେଳୀଙ୍କ ପରି ମନକୁ ମନ କହିଯାଉଛୁ, ମୁଁ କିଛି ବୁଝିପାରୁନି। ହଉ, ସେସବୁ କଥା ଛାଡ। ଆ', ଖାଇବା। ଭାରି ଭୋକ ହେଲାଣି ।"

ତିନି ବର୍ଷ ପରେ ...। ମୁଁ କେତେବେଳେ କେମିତି ତା ପାଖକୁ ଫୋନ୍ କଲେ ସେ ବ୍ୟସ୍ତ ଅଛି, ଏବେ ଆସି ପାରିବନି ବୋଲି କହେ। ସାହୁକାରଙ୍କୁ ପଇସା ଫେରାଇବା କଥା କହିଲେ ସେ ମୋ ଉପରେ ବିରକ୍ତ ହୋଇ ଫୋନ୍ ରଖିଦିଏ। ତା'ର ଏଭଳି ବ୍ୟବହାର ଦେଖି ମୁଁ ସେଦିନୁ ତା ପାଖକୁ ଆଉ କେବେ ଥରୁଟିଏ ବି ଫୋନ୍ କରିନି। କାହିଁକି, କ'ଣ ପାଇଁ କରିଥା'ନ୍ତି। ସିଏ ତ ମୋତେ, ମୋ ସ୍ନେହ ମମତାକୁ ଭୂଲିଗଲା। ତା' ଭଉଣୀର ରାକ୍ଷୀକୁ ବି।

ଶେଷରେ ଝିଅ ମୁହଁକୁ ଚାହିଁ ବାକି ଜୀବନଟା କାଟିଦେବି ବୋଲି ଭାବିଥିଲି। ହେଲେ ସିଏ ବି କାହାର ହାତ ଧରି ରାତି ଅଧରେ ମୋତେ ନ ଜଣେଇ ଚାଲିଗଲା। କାହିଁକି ବା ସେ ମୋ ପାଖରେ ତା ନିଜ ଭବିଷ୍ୟତଟାକୁ ବଳିଦେଇ, ସାରା ଜୀବନ ଅଭିଆଡୀ ହୋଇ, ଠୁଠ ପଥରଟା ପରି ପଡିରହିଥା'ନ୍ତା ? ସବୁ ଝିଅଙ୍କ ପରି ତା'ର ତ ପୁ'ଣି ମନ ବୋଲି କିଛି ଗୋଟେ ଅଛି । ଏମିତି ବି ସେ ମୋ ପାଖରେ ଥିଲେ ମୁଁ କ'ଣ ତାକୁ ବାହାତୋଳା କରିପାରିଥା'ନ୍ତି ନା ତା ମୁହଁରେ ଟିକେ ହସ ଦେଖିପାରିଥା'ନ୍ତି ? ଝିଅମାନେ ବୟସ ହେଲେ ଚାହାନ୍ତି ଜୀବନସାଥୀ, ଘର ସଂସାର। କେତେ ଦିନ ବା ସେ ନିଜକୁ ଏଇ ଝୁପୁଡିଟା ଭିତରେ ତିଳତିଳ କରି ଜଳିଥା'ନ୍ତା ? ଯାହା ସେ କରିଛି, ବହୁତ ଭଲ କରିଛି। ଯେଉଁଠି ଥାଉ, ଘର ସଂସାର କରି ଠାକୁରଙ୍କ ଦୟାରୁ ବେଶ୍ ଭଲରେ ଥାଉ।

ସେଦିନ ହୋଇଥାଏ ଗୁରୁବାର। ମୁଁ ସକାଳୁ ସକାଳୁ ଘରଦ୍ୱାରସବୁ ଲିପାପୋଛା ସାରି କ୍ଳାନ୍ତ ହୋଇ ବସିଥିଲାବେଳେ ହଠାତ୍ ସାହୁକାର ଆସି ରାଗରେ କହିଲେ–"ଶୁଣ, ତୁମ ପୁଅକୁ ଏଇ ନଅ ବର୍ଷ ଭିତରେ ଅନ୍ତତଃ ମୁଁ ପଚାଶ ଥରରୁ ଅଧିକ ଫୋନ୍ କରିଥିବି। ହେଲେ ସେ ମୋ କଥା କାନକୁ ନିଏନି । ଏଥିରୁ ମୁଁ ନିଶ୍ଚିତ ହୋଇଗଲି ଯେ ମୋ ଟଙ୍କା ଆଉ ମିଳିବ ନାହିଁ। ତେଣୁ ଟଙ୍କା ବାବଦକୁ ବନ୍ଧକ ରଖିଥିବା ଏ ଘରଡିହ ଖଣ୍ଡିକ ମୋତେ ଦେଇ ଆଜିଠାରୁ ତୁମେ ତୁମ ପୁଅ କିମ୍ବା ଝିଅ ପାଖକୁ ସବୁଦିନ ପାଇଁ ଚାଲିଯାଅ। ମୁଁ ଆଉ ବେଶୀ ଦିନ ଅପେକ୍ଷା କରିପାରିବିନି ।"

ସାହୁକାରଙ୍କଠାରୁ ଏଭଳି ମନ୍ତବ୍ୟ ଶୁଣି ମୁଁ ମନେ ମନେ ଭାବିଲି–"ସେ ଯାହା କହିଲେ, ଠିକ୍ କହିଲେ । କେତେ ଦିନ ବା ଆଉ ଅପେକ୍ଷା କରିଥା'ନ୍ତେ ? ଯାହା ପାଇଁ ରକ୍ତକୁ ପାଣି କରି, ଉପବାସ ରହି, ପାଠଶାଠ ପଢେଇ ବଡ ମଣିଷ କରିଲି, ଶେଷରେ ସିଏ ତ ମୋତେ ଅଲୋଡା ମଣିଷଟିଏ ଭାବି ଦୂରେଇ ଦେଲା, ତେବେ ସାହୁକାର ବା ଏଥିରୁ ବାଦ୍ ପଡିଥା'ନ୍ତେ କେମିତି ?" ଅନେକ ଚିନ୍ତା କଲା ପରେ ମୁଁ ଆଉ କୌଣସି ଉପାୟ ନ ପାଇ ତାଙ୍କ ହାତରେ ଘରଡିହ ଖଣ୍ଡିକ ସମର୍ପି ଚୁପ୍‌ଚାପ୍ ରାଜରାସ୍ତାକୁ ଚାଲିଆସିଲି।

ମାଉସୀଙ୍କ ମୁହଁରୁ ସବୁ କଥା ଶୁଣି ମୁଁ ଅବାକ୍ ହୋଇଯାଇଥିଲି ଯେମିତି। ମୋ ଆଖି ଦୁଇଟି ଲୁହରେ ଛଳଛଳ ହେଇଗଲା। ଏ ବୟସରେ ଟିକେ ବଞ୍ଚିବା ପାଇଁ କର୍ମକୁ ଆଦରି, ଏତେ ଦୁଃଖକୁ ଛାତି ଭିତରେ ଚାପି ରଖି ରାସ୍ତା କଡରେ ଖରା, ବର୍ଷା, ଶୀତ, କାକର ଖାଇ ପଡିରହିଛନ୍ତି, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ତାଙ୍କ ଅବସ୍ଥାରେ ଆଉ କିଏ ଥିଲେ ହୁଏ ତ ସେ କେବେଠାରୁ ଆତ୍ମହତ୍ୟା କରିସାରନ୍ତାଣି । କିଛି ସମୟ ନୀରବତା ପରେ ମୁଁ ନମ୍ର ଭାବେ କହିଲି–

-ମାଉସୀ, ଗୋଟେ କଥା କହିବି ରଖିବ ?

-କ'ଣ କହ ?

-ଆମ ଘରକୁ ଚାଲ। ସେଇଠି ଆମେ ସାଙ୍ଗହୋଇ ରହିବା।

-ନା ପୁଅ। ମୁଁ ଆଉ ସେ ମୋହମାୟା ଭିତରେ ବାନ୍ଧି ହେବାକୁ ଚାହେଁନା। ଏ ଖୋଲା ଆକାଶ ତଳେ ମୁଁ ଶାନ୍ତିରେ ଅଛି। ଯେତେ ଦିନ ଯାଏ ଗୋଡ ହାତ ଚଳୁଥିବ, ବଞ୍ଚୁଥିବି। ମରିଗଲେ ଗଲା। ମୋ ବିଷୟରେ କିଛି ଚିନ୍ତା ନକରି ତୁ ଯାଆ ବାପା, ଉଛୁର ହେଲାଣି । ଘରେ ସମସ୍ତେ ତୋତେ କେତେବେଳୁ ଅପେକ୍ଷା କରିଥିବେ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ଦୂରଭାଷ : ୭୯୭୮୪୩୯୨୧୪*



# ଜବାବ



ସ୍ୱପ୍ନା ମିଶ୍ର



**କ**ହ ମା ସେଦିନ କୁଆଡେ ଯାଇଥିଲୁ ତୁ
ସେମାନଙ୍କୁ ଚିହ୍ନିଚୁ କି
ଯେଉଁମାନେ ଘୋଷାରିନେଲେ ତତେ ବସ୍ ଭିତରୁ
ଝାଉଁବଣ ଆଡ଼େ
କୋଣାର୍କର ସୂର୍ଯ୍ୟଦେବ କଣ ସେଦିନ
ସମୁଦ୍ର ଭିତରେ
ସବୁଦିନ ପାଇଁ ଡୁବି ସାରିଥିଲେ ?

ଏବେ ତୁ ଯୋଉଠିକୁ ଯିବୁ
ତତେ ପଚରାଯିବ ଅନେକ ପ୍ରଶ୍ନ
ତୋ ସ୍ୱାମୀ କାହିଁକି ନଥାଏ ତୋ ସାଥିରେ
କି ଧନ୍ଦା କରୁ ତୁ କେଉଁ ଦାୟରେ।

ମୁଁ କିନ୍ତୁ ପଚାରୁନି କାହାକୁ କିଛି
ମୁଁ ଜାଣେ ସେଦିନ ସଂସାରର ସବୁଲୋକ
ମରି ଶୋଇଥିଲେ।

ଏ ଚିରା ଫଟା ଲୁଗାକୁ ଖୋଲି
ରଖିଦଉନୁ କାହିଁକି ବଡ଼ଦାଣ୍ଡରେ
ଏ ରକ୍ତାକ୍ତ ଲୁଣ୍ଠିତ ପତାକା
ଏ କି ଅପମାନର ବିକଳ୍ପ ହୋଇପାରେ।

କହ ଭଉଣୀ
କିଏ ଥିଲା ସେଦିନ ତୋ ସାଥିରେ
ପ୍ରେମିକ ନା ସାଥୀ
କୁଆଡେ ନେଲେ ସେମାନେ ତତେ
ବ୍ଲୁକ୍‌ହିଲ୍ ନା ବୁଢ଼ାରାଜା
କଲେଜ୍ ପାଖରୁ ନା ବଜାରର ଜନଗହଳିରୁ
କେତେ ଜଣ କୁକୁର ଝୁଣିଲେ ତୋର ଆତ୍ମା
ଫିଙ୍ଗିଦେଇ ଗଲେ କେଉଁଠି ?
ଦେଖା ତୋ ଆତ୍ମାର ଅସଂଖ୍ୟ କ୍ଷୋଭ
କେତେ ଦିନ ଆଉ ଧରା ସହୁଥିବ
ଧର୍ମର ଏ ଗର୍ଭପାତ।

ଛୋଟ ଝିଅ
ଗୋଟେ ଚକୋଲେଟ୍‌ର ଲାଳସାଠୁ
ଅଧିକ କିଛି ତ ନଥିଲା ତୋ ଆଠବର୍ଷର ଜିଭରେ
କାହିଁକି ଯାଇଥିଲୁ ତୁ ବିଲମାଳକୁ
ପଇଁତାଳିଶ ବର୍ଷର ପଡୋଶୀ ସାଥିରେ ?
ଗୋଡ ଉପରେ ଗୋଡ ଲଦି
ସମୟ ଶୋଇଚି ବେଫିକର
ବେଙ୍ଗ ପାଟିର ପୋକ ପରି
ଲଟକି ଯାଉଛି ଲଜ୍ଜା
ତୋର ଏ ଶବ ତ ଶବ ନୁହେଁ
ଗୋଟେ ମାଟି ଗଦା
ଯୋଉଠି ଲହରଉଚି
ପୁରୁଷତ୍ୱତର ପତାକା।
ତୋର ବୟାନ ନେବାକୁ
ସେଠି ଝୁଙ୍କି ପଡିଚି ମୋର ହୃଦୟ।

ଉଠି ଆ ଛୋଟ ଝିଅ
ମୋ ଡାକର ଜବାବ ଦେ
ତୁ ଚୁପ୍ ହୋଇଯିବୁ ଯଦି ମା'
ଖସିପଡିବ ମୋ ଜିଭ
ପ୍ରମାଣ ଦେ ଭଉଣୀ
ନହେଲେ ହାରିଯିବି ମୁଁ।

ପ୍ଲଟ ନଂ.-୧୨୦୩/ସି, ନିଳକଣ୍ଠ ନଗର,
ନୟାପଲ୍ଲୀ, ଭୁବନେଶ୍ୱର-୧୨

# ଜହ୍ନ ପ୍ରତି



ରାଜେଶ ପୂଜାରୀ

**ସ**କାଳ ହେବାକୁ ଏବେ
ଢ଼େର ବେଳ ବାକି
ପାହାନ୍ତିଆ ତାରା
ଏଯାଏଁ ନିଦକୁ ଉଠିନି ପରା,
ଦିନ ତମାମ ଦର୍ଶନ ଦୁର୍ଲଭ ତୋର
ଗୋଧୂଳି ଗାଁ ମନୋଇ ନଈ ଡେଇଁ
ରାତିରେ ଆସୁ କେବଳ
ଫେର କାଇଁ ଫେରିବାକୁ ଏତେ ତରବର !

ମାନ ଟିକେ ବୋଲ ମୋର
କିଛି ବେଳ ପାଇଁ ବନ୍ଦ କର
କୁମୁଦିନୀ ସାଥେ ତୋର କିତ୍ କିତ୍ ଖେଳ
ଲୁଚନା ଲୁଚନା ଆଉ
ଜହ୍ନି ଫୁଲ ଚାଙ୍ଗୁଡିରେ
ଲିଭି ଲିଭି ଯାଏ ଅଳତା ପାଦର
ଫିକା ଫିକା ମେହେନ୍ଦିର ଦାଗ
ଅବଶ ମୋ ଆଖିର କଜ୍ଜ୍ୱଳ।

ସଜେଇ ହେବାକୁ ଆଉ ସ୍ପୃହା ନାହିଁ ମନେ
ଦର୍ପଣ ପାଖକୁ ଗଲେ ମୁଦେ ସେ ନୟନ
ଦେଖିବନି ଦେଖିବନି ବୋଲି
ଦଗ୍ଧ ପଳାଶ କାନନ
ସେଇଥିପାଇଁ ତତେ ଦର୍ପଣ କରି
ଖୋଜେ ଜଣକର ମୁହଁ ହେଲେ ସବୁ
ଅକାରଣ !

ଫେରେ ବାଟବୁଲା ପକ୍ଷୀ ହେଇ କିଚିରି ମିଚିରି
ନିରସ ଝାଉଁ ବିଥି କାହା ମୃଦୁ ଚୁମ୍ବନରେ
ସରସିତ ହୋଇ ନାଚେ ଛମ୍ ଛମ୍ କରି
ହେଲେ ନାହିଁ ଦେଖା ତାର ମରେ ଖାଲି ଝୁରି।

ବିରହ ବେଳାର ଶେଯେ ଉଜାଗର ରାତି
ନିଦ ନାହିଁ ଏକରେ ସେକରେ ନିତି
ହେଲେ ତୁ ବେଦରଦୀ ଏତେ
ତୋ ଶୀଳତାରୁ ଦେଉନୁ ଟିକେ ମତେ।

ଅଜାଡି ଦେଲି ଅଲଜ୍ଜା ପଣେ ମୋର
ଯେତେ ଯାହା ସଂସ୍କାର
ଶୁଣିଲି ନିନ୍ଦା ଅପବାଦର ସବୁ ଶ୍ଳୋକ, ଭଜନ
ତାକୁ ଭାବି ଜୀବନର ଆଧାର !

ତୋର ତ ସବୁଠି ନଜର
କୁହ କୁହ ଥରେ ଅଛି କାହିଁ
ଦଗାଦାର ପ୍ରିୟବର
ମତେ ଠିକଣା କହିଯା ତାର
ଖବର ନେଇଯା ତା ପାଖେ ପିଆସୀ ମନର !



*କୁଶମେଲ, କପିଳାପୁର,*
*ପଞ୍ଚଗାଁ, ଝାରସୁଗୁଡା*
*ଦୂରଭାଷ : ୯୭୭୭୨୮୦୫୯୪*









**ମନ୍ମଥ କୁମାର ପ୍ରଧାନ**
ଷ୍ଟାଣ୍ଡାର୍ଡ- ୭
ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ
ଭୁବନେଶ୍ୱର





**ଶ୍ୱାତିକା ରଣା**
ଷ୍ଟାଣ୍ଡାର୍ଡ- ୨
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର
ଭୁବନେଶ୍ୱର



# ସିସି କ୍ୟାମେରା ନଥିଲେ ମାଟ୍ରିକ୍ ପରୀକ୍ଷାକେନ୍ଦ୍ର କରାଯିବ ନାହିଁ

**ଭୁବନେଶ୍ୱର :** ଆଗକୁ ୨୦୨୦ ମାଟ୍ରିକ ପରୀକ୍ଷା। ଏନେଇ ରାଜ୍ୟର ସବୁ ପରୀକ୍ଷାକେନ୍ଦ୍ର ଅନୁଧ୍ୟାନ କରି ଜାନୁଆରୀ ଶେଷ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରାଜ୍ୟର ଯେଉଁ ସବୁ ସ୍କୁଲ ଉପାନ୍ତ ଅଞ୍ଚଳ ମଧ୍ୟରେ ରହିଛି ଏବଂ ଯଦି ସମ୍ପୃକ୍ତ ଅଞ୍ଚଳକୁ କୌଣସି ବିଦ୍ୟୁତ ସଂଯୋଗ ପହଞ୍ଚିନଥିବ କିମ୍ବା ବିଦ୍ୟୁତ ସମସ୍ୟା ରହିଥିବ ସେହି ସବୁ ଅଞ୍ଚଳରେ ଥିବା ସ୍କୁଲରେ ସୋଲାର ବ୍ୟବସ୍ଥାକୁ ବିକଳ୍ପ ଭାବେ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ସେହିପରି ଯେଉଁ ପରୀକ୍ଷାକେନ୍ଦ୍ରରେ ସୁରକ୍ଷା, ପ୍ରଶ୍ନପତ୍ର ଏବଂ ଉତ୍ତରଖାତା ରହିବା ଭଳି ଆଇରନ୍ ଚେଷ୍ଟ ନଥିବ, ପାଚେରୀ, ସିସି କ୍ୟାମେରା ବ୍ୟବସ୍ଥା ନଥିବ ସେହି ସ୍କୁଲରେ ପରୀକ୍ଷାକେନ୍ଦ୍ର କରାଯିବ ନାହିଁ। ଜିଲ୍ଲାୱାରୀ ଯାଞ୍ଚ ପ୍ରକ୍ରିୟା ଟେଷ୍ଟ୍ ପରୀକ୍ଷା ଶେଷ ହେବା ପରେ ଆରମ୍ଭ ହେବ। ଆସନ୍ତା ମାଟ୍ରିକ ପରୀକ୍ଷାରେ ପୁଣି ଅଭିନବ ବ୍ୟବସ୍ଥା ଲାଗୁ କରିବାର ନିଷ୍ପତ୍ତି ଯୋଗୁଁ ଗଣଶିକ୍ଷା ବିଭାଗ ଚର୍ଚ୍ଚାକୁ ଆସିଛି। ବିଭାଗର ଏପରି ନିଷ୍ପତ୍ତିକୁ ମଧ୍ୟ ସବୁସ୍ତରରେ ସ୍ୱାଗତ କରାଯାଇଛି। ପରୀକ୍ଷାରେ ସର୍ବାଧିକ ସ୍ୱଚ୍ଛତା ଆଣିବା ସହ ପ୍ରଶ୍ନପତ୍ର ଏବଂ ଉତ୍ତରଖାତାର ସୁରକ୍ଷା, କପି ରୋକିବା ଲାଗି ସିସି କ୍ୟାମେରା ଏବଂ ପାଚେରୀ ବାଧ୍ୟତାମୂଳକ ନିଷ୍ପତ୍ତି ହୋଇଛି। ମାଟ୍ରିକ ପରୀକ୍ଷା ଲାଗି ଯେଉଁ ସବୁ ସ୍କୁଲକୁ ପରୀକ୍ଷାକେନ୍ଦ୍ର ଭାବେ ମନୋନୀତ କରାଯିବ ସେଥିପାଇଁ ୬ଟି ମାନଦଣ୍ଡକୁ ଅଗ୍ରାଧିକାର ଦିଆଯାଇଛି। ଯେଉଁଥିରେ ସ୍କୁଲ ପାଚେରୀ, ସ୍କୁଲର ଭିତ୍ତିଭୂମି, ମୁଖ୍ୟ ଫାଟକ ଏବଂ ସ୍କୁଲ ଫାଟକରେ ଗେଟ୍ ବ୍ୟବସ୍ଥା ରହିଥିବ, କରିଡର ଓ ଶ୍ରେଣୀରେ ସିସି କ୍ୟାମେରା, ବିଦ୍ୟୁତ ସଂଯୋଗ, ଲାଇଟ୍, ଫ୍ୟାନ୍, ପିଇବା ପାଣିର ବ୍ୟବସ୍ଥା ଥିବା ବାଧ୍ୟତାମୂଳକ କରାଯାଇଛି। ବିଶେଷକରି ଚଳିତବର୍ଷ ପରୀକ୍ଷାର୍ଥୀଙ୍କ ଲାଗି ମୌଳିକ ସୁବିଧା ଏବଂ ବିଦ୍ୟୁତ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଗତ କିଛିବର୍ଷ ହେବ ବିଦ୍ୟୁତ ସଂଯୋଗ ନଥିବା ଏବଂ ବାରମ୍ବାର ବିଦ୍ୟୁତକାଟ ଲାଗି ପରୀକ୍ଷାରେ ବ୍ୟାଘାତ ଘଟୁଥିବା ବେଳେ ଖାତାଦେଖା ସମୟରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ତେଣୁ ଏଥର ପ୍ରଥମ ପର୍ଯ୍ୟାୟ ଅନୁଧ୍ୟାନ ରିପୋର୍ଟରେ କେଉଁ ସ୍କୁଲରେ ବିଦ୍ୟୁତ ବ୍ୟବସ୍ଥା ରହିଛି ଏବଂ କେଉଁଠି ନାହିଁ ତାହାର ତାଲିକା ପ୍ରସ୍ତୁତ କରାଯିବ। ଯେଉଁ ସବୁ ସ୍କୁଲରେ ବିଦ୍ୟୁତ ସମସ୍ୟା ରହିଛି ସଂପୃକ୍ତ ସ୍କୁଲରେ ବିକଳ୍ପ ବ୍ୟବସ୍ଥା ଭାବେ ସୋଲାର ବ୍ୟବସ୍ଥା କରାଯିବ। ସେଥିପାଇଁ ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନାରେ ମିଳିଥିବା ଅନୁଦାନର ଟଙ୍କା ବ୍ୟୟ କରାଯିବ। ରାଜ୍ୟରେ ୧୭୧୨୨ଟି ସ୍କୁଲର ପାଚେରୀ ନଥିବା ବେଳେ ୩୭ହଜାର ୬୫୯ଟି ସ୍କୁଲରେ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ନାହିଁ। ସେହିପରି ପ୍ରାୟ ୬ହଜାର ୫ଶହ ସ୍କୁଲର ଭିତ୍ତିଭୂମି ମଧ୍ୟ ଠିକ ନାହିଁ। ଅନୁଧ୍ୟାନ କମିଟି ଏହି ସବୁ ସ୍କୁଲ ଯାଞ୍ଚ କରିବା ସହ କାହିଁକି ବ୍ୟବସ୍ଥାରେ ବିଳମ୍ବ ହୋଇଛି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ। ଏପରିକି ଯଦି କୌଣସି ଜିଲ୍ଲାରେ ସମସ୍ୟା ଲାଗି ଅଧିକାରୀ ଦାୟି ଥିବା ଜଣାପଡ଼େ ତେବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ରାଜ୍ୟରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ସ୍ୱଚ୍ଛତା ଆଣିବା ସହ ଖାତାଦେଖା ଏବଂ ସ୍କୁଲରେ ଜିରୋ ରେଜଲ୍ଟ ଯେପରି ସମ୍ପୂର୍ଣ୍ଣ ଶୂନ ହେବ ସେହି ଟାର୍ଗେଟରେ ବିଭାଗ କାର୍ଯ୍ୟ ଚଳାଇଛି। ବିଶେଷକରି ସିସି କ୍ୟାମେରାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାରୁ ଯେଉଁସବୁ ସ୍କୁଲରେ ବିଦ୍ୟୁତ ସଂଯୋଗ ପହଞ୍ଚିପାରିନି ସେହି ସବୁ ସ୍କୁଲରେ ସୋଲାର ବ୍ୟବସ୍ଥା ଲଗାଯିବ। ସେଥିପାଇଁ ପ୍ରାଥମିକସ୍ତରରେ କେତେ ଖର୍ଚ୍ଚ ହେବ ତାହା ସ୍ପଷ୍ଟ ହୋଇନାହିଁ। ଜାନୁଆରୀରେ ଅନୁଧ୍ୟାନ ରିପୋର୍ଟ ମିଳିବା ପରେ ବଜେଟ ପ୍ରସ୍ତୁତ କରାଯାଇ ଫେବୃଆରୀ ୨ୟ ସପ୍ତାହ ମଧ୍ୟରେ ଏହି ବ୍ୟବସ୍ଥା ଲଗାଯିବ। ସେହିପରି ଏଥର ପରୀକ୍ଷା ପୂର୍ବରୁ ଜିଲ୍ଲାୱାରୀ ୪ଥର ମକଡ୍ରିଲ୍ ମଧ୍ୟ କରାଯିବ। ଯେଉଁଥିରେ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ପ୍ରଥମଥର ରହିବାର ନିଷ୍ପତ୍ତି ମଧ୍ୟ ହୋଇଛି।

# ମେଧାବୀଙ୍କୁ ଲାପଟପ୍ ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ଲୋକସେବା ଭବନ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୨୦୧୯-୨୦ ବର୍ଷ ପାଇଁ ଲାପଟପ୍ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦଶ ଜଣ ଯୁକ୍ତ ଦୁଇର ମେଧାବୀ ଛାତ୍ର- ଛାତ୍ରୀ ମାନଙ୍କୁ ଲାପଟପ ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ଉଚ୍ଚ ଶିକ୍ଷା ସଚିବ ଶାଶ୍ୱତ ମିଶ୍ର ସୂଚନା ଦେଇ କହିଥିଲେ ଯେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୧୫ ହଜାର ଛାତ୍ର – ଛାତ୍ରୀଙ୍କୁ ଲାପଟପ ପ୍ରଦାନ କରା ଯିବ। ଏଥିରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ର ଛାତ୍ରୀ ୫୫୦୯ ଜଣ ଓ ସାଧାରଣ ବର୍ଗର ୯୪୯୧ ଜଣ ଛାତ୍ର ଛାତ୍ରୀ ଅଛନ୍ତି। ସୂଚନା ଯୋଗ୍ୟ ଯେ ବିଜୁ ସଶକ୍ତିକରଣ ଯୋଜନାରେ ଯୁକ୍ତ ଦୁଇ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ୨୦୧୩ ମସିହା ଠାରୁ ମାଗଣାରେ ଲାପଟପ ବଂଟନ କରା ଯାଉଛି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୯୦୨୦୩ ଜଣ ଛାତ୍ର ଛାତ୍ରୀଙ୍କୁ ଲାପଟପ ବଂଟନ କରା ଯାଇଛି। ଚଳିତ ବର୍ଷ ଏଥି ପାଇଁ ଚୟନ ପ୍ରକ୍ରିୟାରେ ବ୍ୟାପକ ପରିବର୍ତନ କରା ଯାଇ ରାଜ୍ୟ ସ୍ତରୀୟ ମେଧା ତାଲିକା ପରିବର୍ତେ ଜିଲ୍ଲା ସ୍ତରୀୟ ମେଧାତାଲିକା ପ୍ରସ୍ତୁତ କରା ଯାଇଛି। ଏହା ଦ୍ୱାରା ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାର ଛାତ୍ର – ଛାତ୍ରୀ ଏଥିରେ ସାମିଲ ହୋଇ ପାରିଛନ୍ତି। ଚଳିତ ବର୍ଷ ଓସିଓସି ମାଧ୍ୟମରେ ଲାପଟପ ସଂଗ୍ରହ କରା ଯାଇ ୩୦ ଗୋଟି ନୋଡାଲ ସେଂଟରକୁ ବଣ୍ଟନ ପାଇଁ ପଠା ଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଦୁଷ୍କର୍ମ ଭଳି ଦୁଃଖଦ ଘଟଣାକୁ ନେଇ ବିଜେପି ରାଜନୀତି ବନ୍ଦକରୁ : ବିଜେଡି

**ଭୁବନେଶ୍ୱର :** ଦୁଷ୍କର୍ମ ଭଳି ଦୁଃଖଦ ଘଟଣାକୁ ନେଇ ବିଜେପି ନେତାମାନେ ରାଜନୀତି କରିବା ଅନୁଚିତ। ଏଭଳି ଘୃଣ୍ୟ କାର୍ଯ୍ୟ ଦେଶର ବିଭିନ୍ନ ସ୍ଥାନରେ ପ୍ରତିଦିନ ଘଟୁଥିବା ଆମ ସମସ୍ତଙ୍କ ନଜରକୁ ଆସୁଛି। ତେଣୁ ଏଭଳି ଘଟଣାରେ ରାଜନୀତି କରିବା ଅପେକ୍ଷା ଏହାର ମୂଳୋତ୍ପାଟନ ଲାଗି ସମସ୍ତେ ଏକାଠି ହେବା ଉଚିତ୍ ବୋଲି ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର କହିଛନ୍ତି। ଡକ୍ଟର ପାତ୍ର କହିଛନ୍ତି ଯେ, ଏଭଳି ଘଟଣାରେ ଆମେ ସମସ୍ତେ ଦୁଃଖିତ ଓ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଭଳି ଘଟଣାରେ ପୀଡ଼ିତା ଓ ତାଙ୍କ ପରିବାର ଗଭୀର ମାନସିକ ସ୍ଥିତିରେ ଥିବାବେଳେ ଘଟଣାର ରାଜନୀତି କରାଗଲେ ସେମାନଙ୍କ ସ୍ଥିତି ଆହୁରି ଖରାପ ହୋଇଯିବ। ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଜେପି ଏଭଳି ଘଟଣାକୁ ରାଜନୈତିକ ରଙ୍ଗ ଦେବା ସହିତ ଅବାସ୍ତବ ତଥ୍ୟ ଉପସ୍ଥାପନ କରି ଅତ୍ୟନ୍ତ ନିମ୍ନରୁଚିର ରାଜନୀତି କରୁଛି। ଏଭଳି ଆଚରଣ ପାଇଁ ଓଡ଼ିଶାବାସୀ ନିକଟ ଅତୀତରେ ବିଜେପିକୁ ପରାଜୟର ସ୍ୱାଦ ଚଖାଇଥିବାବେଳେ ମନୋଭାବରେ ପରିବର୍ତ୍ତନ ନକଲେ ଆଗାମୀ ଦିନରେ ମଧ୍ୟ ଅନୁରୂପ ବାଟ ଦେଖାଇବେ। ତେଣୁ ବିଜେପି ନେତାମାନେ ଏଭଳି ରାଜନୀତିରୁ ବିରତ ରହିବାକୁ ଡକ୍ଟର ପାତ୍ର ପରାମର୍ଶ ଦେଇଛନ୍ତି। ସେହିଭଳି କାଳିଆ ଯୋଜନାକୁ ବିଜେପିର ସମାଲୋଚନାର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ, ରାଜ୍ୟର ଚାଷୀମାନଙ୍କର ଆୟ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାଳିଆ ଯୋଜନା ଏକ ବୈପ୍ଳବିକ ପଦକ୍ଷେପ। ଏହାଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି ଏଭଳି ଯୋଜନାକୁ କେନ୍ଦ୍ର ସରକାରଙ୍କ ନୀତିଆୟୋଗ ମଧ୍ୟ ପ୍ରଶଂସା କରିଛନ୍ତି। ଏଭଳି ଯୋଜନାକୁ ସମାଲୋଚନା କରି ବିଜେପି ତା'ର ଚାଷୀବିରୋଧି ମନୋଭାବକୁ ପ୍ରଦର୍ଶନ କରୁଛି। ଅନୁରୂପ ଭାବେ ବିଜେପିର ଗୃହନିର୍ମାଣ ସମ୍ପର୍କିତ ମତର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ, ବିଜେଡି ସରକାର ଇତି ମଧ୍ୟରେ ରାଜ୍ୟରେ ୨୦ ଲକ୍ଷ ପକ୍କାଘର ନିର୍ମାଣ କରିଥିବାବେଳେ ବିଜେପି କେବଳ ସମାଲୋଚନା କରିବାରେ ଲାଗିଛି। ବିଜୁ ପକ୍କାଘର ଯୋଜନାର ସଫଳତାରେ ବିଜେପି ନେତାମାନେ ଇର୍ଷାନ୍ୱିତ ହେଉଥିବାବେଳେ ଏଭଳି ମନ୍ତବ୍ୟ ସେମାନଙ୍କର ହତାଶା ଓ ବିଶୃଙ୍ଖଳିତ ମନୋଭାବକୁ ଦର୍ଶାଉଛି ବୋଲି ଡକ୍ଟର ପାତ୍ର କହିଛନ୍ତି।

# ସମସ୍ତ ସରକାରୀ ଦପ୍ତର ଏବଂ ଶିକ୍ଷାନୁଷ୍ଠାନରେ ଆମ୍ବେଦକରଙ୍କର ଫଟୋ ଚିତ୍ର ରଖାଯିବା ପାଇଁ ବାଧ୍ୟତାମୂଳକ କରାଯାଉ: ବିଜେପି



**ଭୁବନେଶ୍ୱର :** ଭାରତୀୟ ସମ୍ବିଧାନର ମୁଖ୍ୟ ପ୍ରଣେତା ଭାରତରତ୍ନ ବାବା ସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସରେ ଭାରତୀୟ ଜନତାପାର୍ଟି ପକ୍ଷରୁ ଭୁବନେଶ୍ୱରର ଏଜି ଛକ ସ୍ଥିତ ତାଙ୍କର ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଆମ୍ବେଦକରଙ୍କ ପାଇଁ ଦେଶର ଶୋଷିତ, ଦଳିତ, ଆଦିବାସୀ ମହିଳା, ଦରିଦ୍ର ସମସ୍ତେ ନ୍ୟାୟ ପାଇବାକୁ ସମର୍ଥ ହେଉଛନ୍ତି। ଆମ୍ବେଦକର କହିଥିଲେ କି, ଦେଶର ଭିନ୍ନ ଭିନ୍ନ ଜାତିର ଲୋକ ଲଢାଇ ସମାପ୍ତ ନକଲେ ଦେଶ କେବେ ଏକାଠୀ ହୋଇପାରିବ ନାହିଁ। ବାବା ସାହେବ ଛୁଆଁ ଛୁତିକୁ ଘୋର ବିରୋଧ ଲକରୁଥିଲେ। ଭାରତ ଶାସନ ବ୍ୟବସ୍ଥାର ସମ୍ବିଧାନ ଗୁରୁତ୍ୱ ବହନ କରୁଥିବା ବେଳେ ତାର ମୁଖ୍ୟ ପ୍ରଣେତା ଡଃ ଆମ୍ବେଦକରଙ୍କ ପ୍ରତି ଅଧିକରୁ ଅଧିକ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ୍। ଏହି ମର୍ମରେ ଆମ୍ବେଦକରଙ୍କର ଫଟୋ ଚିତ୍ର ସମସ୍ତ ସରକାରୀ ଦପ୍ତର, ଶିକ୍ଷାନୁଷ୍ଠାନ ପ୍ରଭୃତିରେ ରଖାଯିବାକୁ ବାଧ୍ୟତାମୂଳକ କରିବା ପାଇଁ ବିଜେପି ରାଜ୍ୟ ସଂପାଦକ ଦିଲ୍ଲୀପ ମଲ୍ଲିକ ଦାବି କରିଛନ୍ତି। ଆମ୍ବେଦକରଙ୍କ ମହାପ୍ରୟାଣ ଦିବସରେ ବିଜେପି ଅନୁସୂଚିତ ଜାତିମୋର୍ଚ୍ଚାର ରାଜ୍ୟସଭାପତି ସୁଶାନ୍ତ ମଲ୍ଲିକ୍, ମନୋଜ ବେହେରା, କୁଞ୍ଜମୋହନ ସେଠୀ, ରାଘବ ମଲ୍ଲିକ୍, ମୋର୍ଚ୍ଚାର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ସେଠୀଙ୍କ ସମେତ ସବୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପିଆଜ ଲୁହ ...

ପିଆଜ ବିକୁଥିବା ଡିଣ୍ଡିମ ପିଟୁଥିଲେ ବି କୌଣସି ଯୋଗାଣ କେନ୍ଦ୍ରରେ ପିଆଜ ନଥିବା ଜଣାପଡିଛି। ତେବେ ପିଆଜ ବଜାରଟା ସମ୍ପୂର୍ଣ୍ଣ କଳାବଜାରୀଙ୍କ ହାତରେ। ସରକାରଙ୍କ ଉଦାସୀନତା ପିଆଜ ଦର ବୃଦ୍ଧିର ଏକମାତ୍ର କାରଣ ବୋଲି ଖାଉଟୀମାନେ କହୁଛନ୍ତି।

ବର୍ତ୍ତମାନ ଶୀତ ଋତୁର ଆଗମନ ପରେ ପର୍ଯ୍ୟଟକମାନେ ପିକ୍‌ନିକ୍ ପାଇଁ ଯାଇ ସେଠାରେ ଭୋଜିଭାତ କରିବାକୁ ପିଆଜ ଖୋଜୁଛନ୍ତି। କାରଣ ବିନା ପିଆଜରେ ଆମିଷ ରାନ୍ଧିବା ସମ୍ଭବ ନୁହେଁ। ହେଲେ ପିଆଜ ଦର ଆମିଷ ଦରକୁ ଟପି ଯାଇଥିବାରୁ ସମସ୍ତେ ଚିନ୍ତାରେ ପଡିଛନ୍ତି। ରୋଷେଇ ଘରେ ପିଆଜ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ଓଡ଼ିଶାରେ ଆବଶ୍ୟକତା ଠାରୁ ଅଧିକ ପିଆଜ ଉତ୍ପାଦନ ହେଉଥିଲେ ବି ଅନ୍ୟ ରାଜ୍ୟ ଉପରେ ଆମେ କାହିଁକି ନିର୍ଭର କରୁଛେ ଏ ପ୍ରଶ୍ନର ଉତ୍ତର ସରକାରଙ୍କ ପାଖରେ ନାହିଁ। ଆଳୁ, ପିଆଜ ମିଶନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା। ଆଳୁ ମିଶନ ଅଧାରେ ଓ ପିଆଜ ମିଶନ ଅନ୍ଧାରରେ। ରାଜ୍ୟ ସରକାର ସବୁବେଳେ ଅଭାବ ପଡିଲେ ତତ୍ପର ହୁଅନ୍ତି ଓ ପରେ ନିରବ ହୋଇଯାଆନ୍ତି। କେଉଁ କାରଣରୁ ଏଭଳି ଘଟୁଛି ତାହା ରାଜ୍ୟବାସୀ ଜାଣିପାରୁନାହାନ୍ତି। ସମସ୍ୟା ସମାଧାନ କରିବା ବଦଳରେ ଯୋଗାଣ ବିଭାଗ କେବଳ ବିବୃତି ଦେଇ ଚୁପ୍ ରହିବା ଖାଉଟୀଙ୍କୁ ବାଧୁଛି। ସରକାରୀ ହିସାବରେ ବର୍ଷକୁ ଓଡ଼ିଶା ପାଇଁ ୩.୩୬ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ରହିଛି। ଆଉ ଆମ ରାଜ୍ୟରେ ୩.୩୪ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ହେଉଛି। ଏଥିରେ ଅଭାବର ପ୍ରଶ୍ନ ଆସିଲା କୁଆଡୁ। ପିଆଜ ସଂରକ୍ଷଣ ପାଇଁ ସରକାର ଯେତିକି ଗୋଦାମ ଘର ନିର୍ମାଣ କରିଛନ୍ତି ବୋଲି କହୁଛନ୍ତି ତାହା ପିଆଜ ଗଚ୍ଛିତ ରଖିବା ଦିଗରେ କାର୍ଯ୍ୟ କରୁନଥିବା ଜଣାପଡିଛି। ଉତ୍ପାଦିତ ପିଆଜକୁ ସଂରକ୍ଷଣ କରାଯାଇପାରୁ ନଥିବାରୁ ଆମ ରାଜ୍ୟର ଋଷୀମାନେ ବାଧ୍ୟ ହୋଇ କ୍ଷେତ ମୁଣ୍ଡରୁ ଏହାକୁ ୫ରୁ ୧୦ ଟଙ୍କା ଦରରେ ଅନ୍ୟ ରାଜ୍ୟର ବେପାରୀଙ୍କ ହାତରେ ଟେକି ଦେଉଛନ୍ତି। ଏଥିରେ ପ୍ରକୃତ ଋଷୀଙ୍କର ଟଙ୍କାଟିଏ ଲାଭ ହେଉନି। ଯାହା ଲାଭ କରୁଛନ୍ତି କଳାବଜାରୀ। ନୂଆ ପିଆଜ ଅମଳ ଉପରେ ଭରସା କରି ଯୋଗାଣ ବିଭାଗ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଚାଲିଛି। ଯାହା ସୂଚନା ମିଳେ ସାରା ଦେଶରେ ପିଆଜ ଯୋଗାଣର ଏଭଳି ସ୍ଥିତି ଡିସେମ୍ବର ପର୍ଯ୍ୟନ୍ତ ଜାରି ରହିବ। ତେଣୁ ରାଜ୍ୟ ସରକାର ଯେକୌଣସି ସୂତ୍ରରୁ ପିଆଜ ଆଣି ରିହାତି ଦରରେ ଖାଉଟୀଙ୍କୁ ଯୋଗାଇ ନଦେଲେ ପିଆଜ ଲୁହ ଏମିତି ବହି ଚାଲିବ। ତେଣୁ ବାହାନା ନକରି ସରକାର ବାସ୍ତବ ସ୍ଥିତି ଦେଖି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

### କିଷାନ-କାଳିଆ ...

ଯଦିଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ପଦାକୁ ଦିଆଯାଇନାହିଁ। ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ପିଏମ୍-କିଷାନର ୬ ହଜାର ଟଙ୍କା ଋଷୀ ଯେମିତି ପାଇବାକୁ ଥିଲା ସେମିତି ପାଇବେ। ତେବେକେଳ କାଳିଆର ୧୦ ହଜାର ଟଙ୍କା ବଦଳରେ ୪ ହଜାର ଟଙ୍କା ଏଥିରେ ମିଶିବ। ଉଭୟ ପିଏମ୍-କିଷାନ ଓ କାଳିଆ ଟଙ୍କା ଜଣେ ହିତାଧିକାରୀଙ୍କ ପାଖକୁ ଗୋଟିଏ ସମୟରେ ଯିବ ଏବଂ ତାହା ୫ ହଜାର ଟଙ୍କା ଲେଖାଏଁ ହୋଇ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପଠାଯିବ। ତେଣୁ ଏଣିକି ଆଉ ଦୁଇ ପ୍ରକାର ହିତାଧିକାରୀ ରହିବେ ନାହିଁ। ତେବେ ପ୍ରଶ୍ନ ଉଠୁଛି ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ହିତାଧିକାରୀ ଯଦି ୧୦ ହଜାର ଟଙ୍କା ପାଇବେ ତେବେ ଏହା କାଳିଆ ନାଁରେ ନା ପିଏମ୍-କିଷାନ ନାଁରେ ପଠାଯିବ। ଅନ୍ୟପକ୍ଷରେ ପିଏମ୍ କିଷାନରେ ଭୂମିହିନ, ଭାଗଋଷୀ ଓ କୃଷି ଶ୍ରମିକଙ୍କୁ ସହାୟତା ଦେବାର ବ୍ୟବସ୍ଥା ନଥିବା ବେଳେ କାଳିଆରେ ଥିବା ଏହି ବ୍ୟବସ୍ଥା ଜାରି ରହିବ ବୋଲି ଜଣାପଡିଛି। ନିର୍ବାଚନ ପୂର୍ବର ହଟଚମଟ ଯୋଜନା ଦୁଇଟି ଯେବେ ସମ୍ମିଶ୍ରଣ ହୋଇପାରୁଛି ସେହିଭଳି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁବିଧା ପାଇଁ କେନ୍ଦ୍ର ଓ ରାଜ୍ୟର ଥିବା ଦୁଇଟି ଏକ ହେବେ କେବେ? ରାଜ୍ୟ ସରକାରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ମିଶ୍ରଣକୁ ନେଇ ସାଧାରଣ ଲୋକଙ୍କ ମନରେ ଆଶା ସଞ୍ଚାର ହେଲାଣି।

### 'ଶ୍ରମିକଙ୍କ ସାମାଜିକ...

ଅଣସଂଗଠିତ ସାମାଜିକ ସୁରକ୍ଷା କଲ୍ୟାଣ ଆଇନ ୨୦୦୮ ଅନୁସାରେ କେନ୍ଦ୍ର ସରକାର ୨ଟି ପେନ୍‌ସନ୍ ଯୋଜନା ଯଥା-ଅଣସଂଗଠିତ ଶ୍ରମିକମାନଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ଓ ବ୍ୟବସାୟୀ ଏବଂ ସ୍ୱରୋଜଗାରୀମାନଙ୍କ ନିମନ୍ତେ ଜାତୀୟ ପେନ୍‌ସନ୍ ଯୋଜନା ପ୍ରଣୟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ ଅଣସଂଗଠିତ ଶ୍ରମିକମାନଙ୍କର ମାସିକ ଆୟ ୧୫ ହଜାର ଟଙ୍କାରୁ କମ୍ ହୋଇଥିବ, ଜାତୀୟ ପେନ୍‌ସନ୍ ଯୋଜନାରେ ଲଘୁ ବ୍ୟାପାରୀ ଏବଂ ସ୍ୱରୋଜଗାରୀମାନଙ୍କର ମାସିକ ଆୟ ୧.୫ କୋଟି ଟଙ୍କାରୁ କମ ହୋଇଥିବ, ସେମାନେ ଆୟକର ଦେଉ ନଥିବେ, ଇପିଏଫ୍‌ଓ/ଇଏସ୍‌ଆଇସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବେ, ସେହିମାନେ ହିଁ ଏହି ଯୋଜନାମାନଙ୍କରେ ସାମିଲ ହୋଇପାରିବେ। ଉଭୟ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ବୟସ ସୀମା ୧୮ରୁ ୪୦ ବର୍ଷ ପର୍ଯ୍ୟନ୍ତ ହୋଇଥିବା ଦରକାର। ହିତାଧିକାରୀମାନଙ୍କର ବର୍ତ୍ତମାନର ବୟସ ଅନୁସାରେ ଅଂଶଦାନର ପରିମାଣ ସ୍ଥିର କରାଯାଇଛି, ଯାହା କି ୫୫ରୁ ୨୦୦ ଟଙ୍କା ମଧ୍ୟରେ ସୀମିତ ରହିଛି। ଏହି ହିତାଧିକାରୀମାନେ ୬୦ ବର୍ଷରେ ଉପନୀତ ହେଲେ ସେମାନଙ୍କୁ ମାସିକ ୩ ହଜାର ଟଙ୍କା ଲେଖାଏଁ ପେନ୍‌ସନ୍ ମିଳିବ। ବର୍ତ୍ତମାନ ରାଜ୍ୟରେ ଥିବା ୧୯୯୫୨ ଗୋଟି ସହଜ ଜନସେବା କେନ୍ଦ୍ର ମଧ୍ୟରୁ ଅଦ୍ୟାବଧି ୧୬୦୦୦ ଗୋଟି କେନ୍ଦ୍ରରେ ଏହି ଯୋଜନା କାର୍ଯ୍ୟକ୍ଷମ ହେଉଛି। ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ ୧୪୪୨୬୫ ଜଣ ଏବଂ ଜାତୀୟ ପେନ୍‌ସନ୍ ଯୋଜନାରେ ୧୫୫ ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇପାରିଛି। ରାଜ୍ୟସ୍ତରୀୟ ସଚେତନତା ଶିବିର ଏବଂ ଜିଲ୍ଲାସ୍ତରୀୟ ସଚେତନତା ଶିବିରରୁ ହିତାଧିକାରୀ ଭାଇଭଉଣୀମାନେ ଲାଭ ଉଠାନ୍ତୁ ଏବଂ ଅଧିକରୁ ଅଧିକ ଅଣସଂଗଠିତ ଶ୍ରମିକ ଭାଇଭଉଣୀମାନେ ଏହି ଯୋଜନାରେ ସାମିଲ୍ ହୋଇ ନିଜର ସାମାଜିକ ସୁରକ୍ଷାକୁ ସୁଦୃଢ଼ କରାନ୍ତୁ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଉକ୍ତ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ ତାଙ୍କ ବକ୍ତବ୍ୟରେ ନିର୍ମାଣ ଶ୍ରମିକମାନେ ଯେଉଁମାନେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ସାମାଜିକ ସୁରକ୍ଷା ଯୋଜନା ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ସଚେତନତା ଶିବିରରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସେମାନଙ୍କର ମତବ୍ୟକ୍ତ କରିଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରମତୀ ଅନୁ ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଗତ ଭାଷଣ ଦେବା ସହିତ ଦୁଇଗୋଟି ପେନ୍‌ସନ୍ ସ୍କିମ୍ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏହି ସଚେତନତା ଶିବିରରେ ବହୁ ଟ୍ରେଡ୍ ୟୁନିୟନ୍‌ର କାର୍ଯ୍ୟକର୍ତ୍ତା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଯୋଗଦେଇଥିଲେ। ଶେଷରେ ଶ୍ରମ ଆୟୁକ୍ତ ଶ୍ରୀ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ଶ୍ରୀ ସୁଧାକର ବୁର୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଉମାକାନ୍ତ ତ୍ରିପାଠୀ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଶରତ ଚନ୍ଦ୍ର ମିଶ୍ର, ଇ.ଏସ୍.ଆଇ ନିର୍ଦ୍ଦେଶକ ଶ୍ରୀ ରମେଶ ଚନ୍ଦ୍ର ରାଉତ, ଏଏଫ୍‌ଏ ତଥା ଉପଶାସନ ସଚିବ ଶ୍ରୀ ଜ୍ୟୋତିର୍ମୟ ନାୟକ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଦିଶାଙ୍କୁ ନ୍ୟାୟ ...

ଏହି କାର୍ଯ୍ୟକୁ ସାରା ଦେଶ ସାବାସୀ ଦେଇଛି। ଦୁଷ୍କର୍ମ ୭ଦିନ ମଧ୍ୟରେ ପୋଲିସ ନ୍ୟାୟ ବ୍ୟବସ୍ଥାକୁ ଅପେକ୍ଷା ନକରି ଦୁଷ୍କର୍ମକାରୀଙ୍କୁ ଦଣ୍ଡ ଦେଇଛି। ପୀଡିତା ନ୍ୟାୟ ପାଇଛନ୍ତି ବୋଲି ପରିବାର ଠାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ କୁହାଯାଉଛି। ଏନ୍‌କାଉଣ୍ଟର ପରେ ପୋଲିସକୁ ଫୁଲ ପକାଇ ହାଇଦ୍ରାବାଦ ଲୋକ ମିଠା ଖୁଆଇ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ନଭେମ୍ବର ୨୭ରେ ସାହାଦନଗର ଠାରେ ଏହି ଭୟାନକ ଦୁଷ୍କର୍ମ ଘଟଣା ଘଟିଥିଲା। ହସ୍ପିଟାଲରୁ କାର୍ଯ୍ୟସାରି ଫେରୁଥିବା ଭେଟନାରୀ ଡାକ୍ତର ଦିଶାଙ୍କୁ ଚାରିଜଣ ଦୁର୍ବୃତ୍ତ ଦୁଷ୍କର୍ମ କରି ପୋଡି ମାରିଦେଇଥିଲେ। ନଭେମ୍ବର ୨୮ରେ ଘଟଣା ପଦାକୁ ଆସିବା ପରେ ନଭେମ୍ବର ୨୯ରେ ୪ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ନଭେମ୍ବର ୩୦ରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜକୁ ପଠା ଯାଇଥିବା ବେଳେ ସାରା ଦେଶରେ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଡିସେମ୍ବର ୧ ଓ ୨ ତାରିଖରେ ଦେଶବ୍ୟାପୀ ଦୋଷୀଙ୍କୁ ତୁରନ୍ତ ଦଣ୍ଡଦେବା ଦାବିରେ ବିକ୍ଷୋଭ-ସଭା ଏବଂ ଶୋଭାଯାତ୍ରା କରାଯାଇଥିଲା। ଡିସେମ୍ବର ୪ ତାରିଖରେ ତେଲେଙ୍ଗାନା ସରକାର ଏହି ମାମଲାର ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୬ରେ ପୋଲିସ ସକାଳୁ ସକାଳୁ ଏନ୍‌କାଉଣ୍ଟର କରି ୪ ଅଭିଯୁକ୍ତଙ୍କୁ ନିହତ କଲା। ପୋଲିସ କହିବା ଅନୁଯାୟୀ ୪ ଅଭିଯୁକ୍ତ ମହମ୍ମଦ ଅଲ୍ଲୀ ଓରଫ ମହମ୍ମଦ ଆରିଫ୍, ଜୋଲୁ ଶିବା, ଜୋଲୁ ନବୀନ କୁମାର ଏବଂ ଚିନ୍ତାକୁଣ୍ଟା ଚେନ୍ନା କେଶଭାଲୁଙ୍କୁ ଘଟଣାସ୍ଥଳକୁ ଅପରାଧ ସମ୍ପର୍କରେ ସବିଶେଷ ପ୍ରକାଶ ପାଇଁ ନିଆଯାଇଥିଲା। ସେଠାରେ ଦୁଇଜଣ ଅଭିଯୁକ୍ତ ପୋଲିସ ହାତରୁ ବନ୍ଧୁକ ଛଡାଇ ଗୁଳି କରିବା ଆରମ୍ଭ କରିଥିଲେ। ଏହାର ଜବାବରେ ହାଇଦ୍ରାବାଦ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିଲା। ପୀଡିତା ଦିଶାଙ୍କ ବାପା ଓ ଭଉଣୀ କହିଛନ୍ତି ଯେ, ଆମକୁ ନ୍ୟାୟ ମିଳିଛି। ଏଥିପାଇଁ ପୋଲିସକୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ। ନ୍ୟାୟ ପାଇଁ ଲଢ଼ିବାର ଯେଉଁ ଲମ୍ବା ଧାରା ଚାଲି ଆସିଥିଲା ସେପରି ସ୍ଥଳେ ପୋଲିସର କାର୍ଯ୍ୟ ଆମ ମନ ଓ ଆତ୍ମାକୁ ଶାନ୍ତି ଦେଇଛି ବୋଲି କହିଥିଲେ ଦିଶାଙ୍କ ବାପା। ଏନ୍‌କାଉଣ୍ଟର ସମ୍ପର୍କରେ ସାଇବରାବାଦ ପୋଲିସ କମିଶନର ବିଶ୍ୱନାଥ ସି ସାଜନାର କହିଛନ୍ତି ଯେ, ମୃତା ଡାକ୍ତରଙ୍କ ମୋବାଇଲ ଫୋନ, ପର୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ ଅଭିଯୁକ୍ତ ଲୁଚାଇ ରଖିଥିବା ଜଣାପଡିବା ପରେ ସେମାନଙ୍କୁ ସେହି ସ୍ଥାନକୁ ନିଆଯାଇଥିଲା। ତେବେ ହଠାତ୍ ୨ଜଣ ଅଭିଯୁକ୍ତ ଆରିଫ ଓ ଚିନ୍ତା ପୋଲିସ ହାତରୁ ବନ୍ଧୁକ ଛଡାଇ ନେଇ ଆକ୍ରମଣ କରିଥିଲେ। ଅନ୍ୟ ୨ଜଣ ଅଭିଯୁକ୍ତ ପାଖରେ ଥିବା ପଥର ଉଠାଇ ପୋଲିସ ଉପରକୁ ଫିଙ୍ଗିଥିଲେ। ଅଭିଯୁକ୍ତଙ୍କୁ ଆତ୍ମସମର୍ପଣ କରିବା ପାଇଁ ପୋଲିସ ବାରମ୍ବାର ନିବେଦନ କରିଥିଲେ ବି ସେମାନେ କିଛି ଶୁଣି ନଥିଲେ। ସେମାନେ ଖସି ପଳାଇ ଯିବାକୁ ଉଦ୍ୟମ କରୁଥିଲା ବେଳେ ବାଧ୍ୟ ହୋଇ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଠିକ୍ ସେହିପରି ଦିଲ୍ଲୀ ଘଟଣାରେ ନିର୍ଭୟାଙ୍କ ମା' ମଧ୍ୟ ଏହି ଏନ୍‌କାଉଣ୍ଟରକୁ ସ୍ୱାଗତ କରିଛନ୍ତି।

ହାଇଦ୍ରାବାଦ ପୋଲିସ ଏନ୍‌କାଉଣ୍ଟରକୁ ବିଜେପି ସାଂସଦ ମାନେକା ଗାନ୍ଧୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ବିରୋଧ କରିଛନ୍ତି। ସେମାନେ କହିଛନ୍ତି ଦୋଷୀକୁ ଆଇନ ଅନୁଯାୟୀ କଠୋରରୁ କଠୋରତମ ଦଣ୍ଡ ଦିଆଯିବାର ଥିଲା। ତାହା ନକରି ପୋଲିସ ଏନ୍‌କାଉଣ୍ଟର କରି ମାରିଦେବା ଠିକ୍ ହୋଇନି। ଏହି ଘଟଣାର ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନର (ଏନ୍‌ଏଚ୍‌ଆର୍‌ସି) ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ସେକ୍ସ ର୍ୟାକେଟ୍ ଠାବ : ୩ ଗ୍ରାହକ ଗିରଫ



**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନକଟିଗୁଡା ଅଞ୍ଚଳରୁ ସେକ୍ସ ର୍ୟାକେଟ୍ ଧରାପଡିଛି। ଏଥିରେ ୫ଜଣ ଦେହଜୀବୀଙ୍କ ସହିତ ୩ଜଣ ଗ୍ରାହକ ଗିରଫ ହୋଇଛନ୍ତି। ଏହି ଅଞ୍ଚଳର ଏକ ଭଡାଘରେ ଦୀର୍ଘଦିନରୁ ଦେହ ବେପାର ସମ୍ପର୍କରେ ଅଭିଯୋଗ ହୋଇଆସୁଥିଲା। ଖବର ପାଇ ଟାଉନ ଥାନା ପୋଲିସ ଚଢ଼ାଉ କରି ଘଟଣା ସ୍ଥଳରୁ ଦେହଜୀବୀ ଓ ଗ୍ରାହକଙ୍କୁ ଥାନାକୁ ଆଣି ଘଟଣାର ଅନୁସନ୍ଧାନ ଚଳାଇଛି। ଅନ୍ୟପକ୍ଷେ ଗିରଫ ହୋଇଥିବା ଗ୍ରାହକଙ୍କ ସମେତ ଘଟଣାର ମାଷ୍ଟରମାଇଣ୍ଡକୁ ପୋଲିସ ଧରିପାରିନାହିଁ। ଘଟଣା ସ୍ଥଳରୁ ସନ୍ଦେହଜନକ ଭାବେ ମାଷ୍ଟର ମାଇଣ୍ଡ ଫେରାର ହେବା ନେଇ ସୂଚନା ଦେଇଛି ପୋଲିସ। ତେବେ ଦେହଜୀବୀ ଓ ଗ୍ରାହକମାନଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି କଳାହାଣ୍ଡି ଏସ୍‌ପି।

# ଜାରିଙ୍ଗ-ନାନ୍ଦୋଲ ରାସ୍ତା ଅବସ୍ଥା ବେହାଲ



**ଭବାନୀପାଟଣା :** ଜାରିଙ୍ଗ ଠାରୁ ନାନ୍ଦୋଲ ପର୍ଯ୍ୟନ୍ତ ଯାଇଥିବା ପିଡବ୍ଲ୍ୟୁଡି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଦୀର୍ଘବର୍ଷ ହେବ ମରାମତି ଅଭାବରୁ ରେଲୱେ ବ୍ରିଜ୍ ତଳେ କଂକ୍ରିଟ୍ ଉଠିଯାଇ ଏଭଳି ସ୍ଥିତି ଦେଖାଦେଇଛି ଯେ, ଯେଉଁଠି ଭାରୀଯାନ ହେଉ କି ଦୁଇ ଚକିଆ ଯାନ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ତେଣୁ ଯେତେ ସତର୍କତାର ସହିତ ଗାଡି ଚଳାଇଲେ ବି ପୋଲ ତଳେ ବାରମ୍ବାର ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ପାଣି ଜମି ଏହି ରାସ୍ତାଟି ସତେଯେମିତି ଅଦୃଶ୍ୟ ହୋଇଯାଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଜନଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହାର ମରାମତି କରାନଗଲେ ଆଗାମୀ ଦିନରେ ଲୋକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ସ୍ଥାପତ୍ୟ କଳାର ଅନନ୍ୟ ସାଧକ

# ପାରମ୍ପରିକ ଶିଳ୍ପୀ ସୁରେନ୍ଦ୍ର ମହାପାତ୍ର



ଉପସ୍ଥାପକ :
ରବୀନ୍ଦ୍ର କୁମାର ମହାରଣା

ଗୋଟି ଗୋଟି କରି ଜୀବନର ୮୦ଟି ବସନ୍ତର ସ୍ୱାଦ ଚାଖି ସାରିଲେଣି ସୁରେନ୍ଦ୍ର ଅଜା। ପକ୍ୱକେଶ, ଶିର୍ଣ୍ଣ ଶରୀର ସହ ଜୀବନର ସାହାନ୍ନରେ ଅବତିର୍ଣ୍ଣ। ତଥାପି କରଣି, ମୁଗୁର ଓ ନିହାଣ ଏବଂ ତୂଳୀ ଦେଖିଲେ ଉନ୍ମାଦିତ ତଥା ଚଳ ଚଞ୍ଚଳ ହୋଇ ଉଠେ ସୁରେନ୍ଦ୍ର ଅଜାଙ୍କ ଯାଦୁକରୀ କାରୀଗରୀ ହସ୍ତଦ୍ୱୟ। ଉଲ୍ଲସିତ ମନ ଉନ୍ମାଦନାରେ ମନ୍ତ୍ରମୁଗ୍ଧ ହୋଇ ପଥର, ସିମେଣ୍ଟ ଓ କାନଭାସ ରୂପକ କାନ୍ଥରେ ସାଉଁଟି ଆଣନ୍ତି ଅଜସ୍ର କଳାକୃତୀ। ବିଜ୍ଞାନର ଅଗ୍ରଗତି ହେଲେ ମଧ୍ୟ ସୁରେନ୍ଦ୍ର ଅଜା ପାରମ୍ପରିକ ପଦ୍ଧତିକୁ ଏଯାଏଁ ଭୁଲି ନାହାନ୍ତି। ପଥର ହେଉ ଅବା ସିମେଣ୍ଟ, ମାଟି ହେଉ ଅବା କାନ୍ଥଚିତ୍ର ସବୁ କଳାକୃତିରେ ପାରମ୍ପରିକ ଶୈଳୀର ଛାପା।

ସୁରେନ୍ଦ୍ର ଅଜା ଓରଫ୍ ସୁରେନ୍ଦ୍ର ମହାପାତ୍ର ୧୯୩୯ ମସିହାରେ ପିତା ଶଙ୍ଖ ମହାପାତ୍ର ଏବଂ ରାହାସ ମହାପାତ୍ରଙ୍କ ୩ୟ ତଥା କନିଷ୍ଠ ସନ୍ତକ ରୂପେ ଜନ୍ମ



ମଣ୍ଡନ କରନ୍ତି।

ବାଲ୍ୟ କାଳରୁ ଜେଜେ ବାପା ଗଦାଧର ମହାପାତ୍ର ଏବଂ ପିତା ଶଙ୍ଖ ମହାପାତ୍ରଙ୍କର କଳାତ୍ମକ ପ୍ରଭାବ ପଡ଼ିଥିଲା ସୁରେନ୍ଦ୍ର ଅଜାଙ୍କ ଉପରେ। ଚାଟଶାଳୀର ପାଠପଢ଼ା ସହ ପିତାଙ୍କ କଳାତ୍ମକ ପ୍ରତିଭାକୁ ନୀରେଖି ଓ ପରଖି ପୂର୍ବ ପୁରୁଷଙ୍କ କୌଳିକ ବୃତ୍ତିକୁ ନିଜର ପେଶା ରୂପେ ଗ୍ରହଣ କରିନେଇଥିଲେ।

ନିଜ ବାଲ୍ୟ ଜୀବନରେ ସ୍ମୃତିଚାରଣ କରି ଅଜା କୁହନ୍ତି:- ପ୍ରାୟ ୧୫୦୦ ଶତାବ୍ଦୀରେ ତତ୍କାଳୀନ ମହାରାଜା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଗିରିରାଜି ପରିବେଷ୍ଟିତ ଗଞ୍ଜାମ ଜିଲ୍ଲାର ଧରାକୋଟ ଅଞ୍ଚଳରେ ଶିଳ୍ପଶାସ୍ତ୍ରାନୁମୋଦିତ ସୌନ୍ଦର୍ଯ୍ୟ ପୂର୍ଣ୍ଣ ସ୍ଥାପତ୍ୟ କଳା ଏବଂ କାରୁକାର୍ଯ୍ୟ ବିମଣ୍ଡିତ ଜଗନ୍ନାଥ ମନ୍ଦିରର ପରିକଳ୍ପନା କରି ଏକ ବିରାଟ ପାହାଡ଼ର ପାଦ ଦେଶରେ ଜଗନ୍ନାଥ ମନ୍ଦିର ତୋଳାଇବାର ପ୍ରୟାଶ ଜାରି ରଖିଥିଲେ। ଏବଂ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କର ଦାରୁ ବିଗ୍ରହ ପ୍ରତିଷ୍ଠା କରାଇଥିଲେ। ଶଙ୍ଖ କ୍ଷେତ୍ର ପୁରୀ ସହ ଅନୁବନ୍ଧିତ ଯାନୀଯାତ୍ରା ମଧ୍ୟ ଧରାକୋଟ ଜଗନ୍ନାଥ ମନ୍ଦିରରେ ଅୟାଂରମ୍ଭ କରିଥିଲେ। ଫଳସ୍ୱରୂପ ଏଠାରେ ସମସ୍ତ ଯାନୀଯାତ୍ରା ସହ ଘୋଷ ଯାତ୍ରାର ମଧ୍ୟ ପରିକଳ୍ପନା କରାଇଥିଲେ। ଏବଂ ଘୋଷଯାତ୍ରା ସହ ବିଶେଷ ଭାବେ ସଂଶ୍ଲିଷ୍ଟ ସେବକ ମାନଙ୍କୁ ପୁରୀରୁ ଆଣି ଏଠାରେ ସେବକ ଭାବେ ସେବା କରିବାର ସୁଯୋଗ ଦେଇଥିଲେ । ସେଥି ମଧ୍ୟରୁ ଚିତ୍ରକର ସେବା ଅନ୍ୟତମ। ଧରାକୋଟ ମନ୍ଦିରରେ ଚିତ୍ରକର ସେବାର ଆବଶ୍ୟକତା ଦୃଷ୍ଟିରୁ ତତ୍କାଳୀନ ମହାରାଜାଙ୍କ ଅନୁରୋଧ କ୍ରମେ ପୁରୀର ଗଜପତି ମହାରାଜା ଧରାକୋଟ ପଠାଇଥିଲେ କିନ୍ତୁ ଗଜପତିଙ୍କ ସର୍ତ୍ତ ଥିଲା, "ଯେତେଦିନ ପର୍ଯ୍ୟନ୍ତ ଧରାକୋଟ ରେ ଘୋଷଯାତ୍ରା ସହ ଚିତ୍ରକର ସେବା ପ୍ରଚଳିତ ହେଉଥିବ, ସେତେଦିନ ପର୍ଯ୍ୟନ୍ତ ମୋର ଚିତ୍ରକର ବଂଶଧରଙ୍କର କୌଣସି ଅସୁବିଧା ନହୁଏ। ନଚେତ୍ ମୋର ଚିତ୍ରକରଙ୍କୁ ପୁଣି ପୁରୀ ଫେରାଇ ନିଆଯିବା", ଏହାର ଏକ ଚୁକ୍ତିନାମା ତାମ୍ର ଫଳକରେ ଲିଖିତ ହୋଇ ରାଜ ପ୍ରସାଦରେ ସୁରକ୍ଷିତ ଭାବେ ରଖାଯାଇ ଥିବାର ସୁରେନ୍ଦ୍ର ଅଜା କୁହନ୍ତି। ଚୁକ୍ତି ଅନୁସାରେ ଧରାକୋଟର ରାଜା ମହାପାତ୍ର ବା ଚିତ୍ରକର ସେବକ ମାନଙ୍କୁ ୭ ଶହ ଭରଣ ଜମି ସହ ରହିବା ପାଇଁ ଘରଡ଼ିହ ଯୋଗାଇ ଦେଇ ରାଜକୀୟ ସମ୍ମାନର ସହ ଧରାକୋଟ ଗଡ଼ରେ ଅବସ୍ଥାପିତ କରାଇଥିଲେ। ସେବେଠାରୁ ଧରାକୋଟ ଗଡ଼ରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରରେ ଚିତ୍ରକର ସେବା ପ୍ରଚଳିତ ହୋଇ ଆସୁଅଛି।



ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ସୁରେନ୍ଦ୍ର ମହାପାତ୍ର ଶୁଭଦ୍ରାଙ୍କ ବାଡ଼ରେ, ମଝିଆ ଭାଇ ଦେବେନ୍ଦ୍ର ମହାପାତ୍ର ଜଗନ୍ନାଥଙ୍କ ବାଡ଼ରେ ଏବଂ ବଡ଼ ଭାଇ ଯୋଗେନ୍ଦ୍ର ମହାପାତ୍ର ବଳଦେବଙ୍କ ବାଡ଼ରେ ଅଣବସର ସେବା କରିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଛନ୍ତି। ପୁରୀର ଶ୍ରୀକ୍ଷେତ୍ରରେ ଅଣସର ସମୟରେ ପଟ୍ଟଦିଅଁଙ୍କ ବିଜେପରି, ଧରାକୋଟ ଜଗନ୍ନାଥ ମନ୍ଦିରରେ ମଧ୍ୟ ପଟ୍ଟଦିଅଁ ଦର୍ଶନର ପରାମ୍ପରା ପ୍ରଚଳିତ ଅଦ୍ୟାବଧି ହୋଇ ଆସୁଅଛି। ଏହି ସେବା ପିଢ଼ି ପରେ ପିଢ଼ି ଚତୁର୍ଦ୍ଧାମୁର୍ତ୍ତୀଙ୍କ କୃପାରୁ ଚାଲୁଥିବ ବୋଲି ଆଶା ବ୍ୟକ୍ତ କରନ୍ତି ସୁରେନ୍ଦ୍ର ଅଜା। ପ୍ରଚଳିତ ହୋଇ ଆସୁଥିବା ପଟ୍ଟଦିଅଁଙ୍କୁ ସୁରେନ୍ଦ୍ର ଅଜାଙ୍କ ବଂଶଧରମାନେ ନିଷ୍ଠାର ସହ ସ୍ନାନ ପୂର୍ଣ୍ଣିମା ପୂର୍ବରୁ ପ୍ରସ୍ତୁତ କରିଥାନ୍ତି ଏବଂ ସ୍ନାନ ପୂର୍ଣ୍ଣିମା ଦିନ, ଛତ୍ରଚାମର, ଆଲଟର ସେବା ସହ ଖୋଳ, ମୃଦଙ୍ଗ ଓ ଘଣ୍ଟଘଣ୍ଟାର ତାଳେ ତାଳେ ଏକ ବିରାଟ ପଟୁଆରରେ ଚିତ୍ରକରଙ୍କ ଠାରୁ ଅଣାଯାଇ ମନ୍ଦିରରେ ଅଣସର ପିଣ୍ଡିରେ ସ୍ଥାପନ କରାଯାଏ।

ଜଗନ୍ନାଥ ମନ୍ଦିରର ଆନୁସଂଗିକ ସେବା ସହ ସୁରେନ୍ଦ୍ର ଅଜା ସିମେଣ୍ଟ ମୂର୍ତ୍ତୀ, କାଠରେ ଜଗନ୍ନାଥ ମୂର୍ତ୍ତୀ, କାଠ ବିଗ୍ରହ, ଚନ୍ଦନ କାଠରେ ମୂର୍ତ୍ତୀ, ମାଟି ମୂର୍ତ୍ତୀ ପରି ସବୁ ରକମର କଳାକୃତୀ ଗଢ଼ିବାରେ ସିଦ୍ଧ ହସ୍ତ। ଏତତ୍ ବ୍ୟତୀତ ସୁରେନ୍ଦ୍ର ଅଜା ଗଞ୍ଜାମର ପାରମ୍ପରିକ କାନ୍ଥଚିତ୍ର "କୋଠିଶାଳ" ବା "ଓଷାକୋଠି" ଚିତ୍ର ଏବଂ ଶାସ୍ତ୍ରାନୁମୋଦିତ ଇଟା ମନ୍ଦିର ଗଢ଼ିବାରେ ସିଦ୍ଧହସ୍ତ। ସୁରେନ୍ଦ୍ର ଅଜାଙ୍କ କଳାକୃତୀର ସ୍ମାରକି ଗୁଡ଼ିକ ଅଦ୍ୟାବଧି ଇତିହାସର ମୂକସାକ୍ଷୀ ପରି ଦଣ୍ଡାୟମାନ। ଅଜାଙ୍କ ସ୍ୱହସ୍ତ ନିର୍ମିତ କାରୁକାର୍ଯ୍ୟ ବିମଣ୍ଡିତ ଶିଳ୍ପ ଶାସ୍ତ୍ରମୋଦିତ ମନ୍ଦିର ଗୁଡ଼ିକ - ଗଞ୍ଜାମ ଜିଲ୍ଲାର ଦାନବିରି ଗ୍ରାମର ରାଧାକୃଷ୍ଣ ମନ୍ଦିର (୩୫ ଫୁଟ ଉଚ୍ଚତା), ମିର୍ଜାପୁର ଗ୍ରାମର ରଘୁନାଥ ମନ୍ଦିର (୩୫ ଫୁଟ), କାଳିଆ ଘୋଡ଼ା ଗ୍ରାମର କାଳୀ ମନ୍ଦିର (୩୫ ଫୁଟ ନିର୍ମାଣଧିନ), କୁଲାଙ୍ଗ ଗ୍ରାମର କାଳୀ ମନ୍ଦିର (୩୫ ଫୁଟ), ତତାବାଲି ଗ୍ରାମର ରାଧାକୃଷ୍ଣ ମନ୍ଦିର (୪୫ ଫୁଟ), ଦାରିଙ୍ଗିବାଡ଼ିର ଶିବ ମନ୍ଦିର (୨୫ ଫୁଟ), ସୋନପୁରର ଶିବ ମନ୍ଦିର (୨୫ ଫୁଟ), କାଟିଙ୍ଗି ଓ ଗଦାପୁରର ଶିବ ମନ୍ଦିର (୪୫ ଫୁଟ), ସୁମନ୍ତ ପଲ୍ଲୀ, ଗୁପ୍ତପଡ଼ା ଗ୍ରାମର ରଘୁନାଥ ମନ୍ଦିର (୪୫ ଫୁଟ) ଇତ୍ୟାଦି ସ୍ଥାପତ୍ୟ କଳାର ଶ୍ରେଷ୍ଠ ନିଦର୍ଶନ ଅଟେ। କେବଳ ଯେ, ଶିଳ୍ପ ଶାସ୍ତ୍ରାନୁମୋଦିତ ମନ୍ଦିର ଗଢ଼ିବାରେ ସିଦ୍ଧହସ୍ତ, ତାହା ନୁହେଁ, ରଙ୍ଗ ଓ ତୂଳୀ ଧରିଲେ ସୁରେନ୍ଦ୍ର ଅଜା ଗଞ୍ଜାମ ଜିଲ୍ଲାର ପାରମ୍ପରିକ ପଟ୍ଟଚିତ୍ର ଶୈଳୀରେ ଅଙ୍କିତ କୋଠିଶାଳ ଚିତ୍ର ଅଙ୍କନ କରି ଶ୍ରେଷ୍ଠ ଚିତ୍ରକର ଭାବେ ମଧ୍ୟ ସୁଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କଦ୍ୱାରା ଅଙ୍କିତ ଚିତ୍ରକଳା "କୋଠିଶାଳ ଚିତ୍ର" ଗୁଡ଼ିକ ସ୍ଥାନୀୟ ଅଂଚଳର ଜଗଦଳପୁର, ମହାରାପୁର, ଅନିଦା, ଧୋବାପଲ୍ଲୀ, ମୁଣ୍ଡମରାଇ, ସୁଭଦ୍ରାପୁର, ଶରଧାପୁର, ଧରାକୋଟ ପରି ଅନ୍ୟାନ୍ୟ ଗ୍ରାମରେ ପ୍ରାୟ ଦୁଇ ଶତକରୁ ଅଧିକ କଳାକୃତୀ ଉପର ଉଲ୍ଲେଖିତ ଗ୍ରାମ ମାନଙ୍କର ଦେବୀପୀଠ ମାନଙ୍କ କାନ୍ଥରେ ଶୋଭାବର୍ଦ୍ଧନ କରିଅଛି।





ସବୁକଳାର ଉର୍ଦ୍ଧ୍ୱରେ ସିଦ୍ଧହସ୍ତ ପାରମ୍ପରିକ ଶିଳ୍ପୀ ସ୍ଥପତି, ତଥା କୋଠିଶାଳ ଚିତ୍ରର ଅନ୍ୟତମ ବିନ୍ଧାଣୀ ସୁରେନ୍ଦ୍ର ଅଜା ବହୁବାର ଆବେଦନ ପରେ କଳାକାରର ସ୍ୱୀକୃତି ସ୍ୱରୂପ ସଂସ୍କୃତି ବିଭାଗ ପକ୍ଷରୁ କଳାକାର ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ଆନନ୍ଦାନ୍ୱିତ ଓ ନିଜକୁ ଗୌରବାନ୍ୱିତ ମନେ କରନ୍ତି। "ଧନର ଗୋଡ଼ାଣିଆ ନ ହୋଇ କଳାର ଗୋଡ଼ାଣିଆ ହେଲେ", ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାତ ପାହାନ୍ତାରେ ପାଇ ପାରିବା ବୋଲି ଆଜିର ଯୁବପିଢ଼ୀଙ୍କ ପାଇଁ ସନ୍ଦେଶ ସାଉଁଟିଛନ୍ତି ସୁରେନ୍ଦ୍ର ଅଜା। ତାଙ୍କର କର୍ମମୟ, ପାରିବାରିକ ଜଞ୍ଜାଳମୟ ଓ କଳାମୟ ଜୀବନ ଆହୁରି ଋଦ୍ଧିମନ୍ତ, କୁସୁମିତ ଏବଂ ଦୀର୍ଘମୟ ଜୀବନ ସହ ଶତାୟୁ ପୁରୁଷ ହୁଅନ୍ତୁ ଏବଂ ଜୀବନର ସାହାନ୍ନ ପର୍ଯ୍ୟନ୍ତ ଶିଳ୍ପୀଙ୍କ ଯାଦୁକରି ହସ୍ତ ଚଳଚଞ୍ଚଳ ଥାଉ ଏହାହିଁ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ପଦାରବିନ୍ଦରେ କୋଟି କୋଟି ପ୍ରଣାମ।



ପାରମ୍ପରିକ ଶିଳ୍ପୀତଥା କଳାଶିକ୍ଷକ
ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨
ସତ୍ୟଭାମାପୁର, ଭୁବନେଶ୍ୱର

# ପ୍ରଥମ ୬ ମାସରେ ୬ଟି ବଡ ବିଫଳତା ହେଉଛି ରାଜ୍ୟ ସରକାରଙ୍କ ରିପୋର୍ଟ କାର୍ଡ : ବିଜେପି

**ଭୁବନେଶ୍ୱର :** ଓଡିଶାରେ ବିଜେଡି ଶାସନର ପଂଚମ ପାଳିର ପ୍ରଥମ ୬ ମାସରେ ୬ ମହାବିଫଳତାକୁ ପ୍ରସଙ୍ଗ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ କୈଫିୟତ ମାଗିଛି ବିଜେପି । ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ରାଜ୍ୟରେ ମହିଳା ଧର୍ଷିତା-ଲାଂଛିତା-ଅପମାନିତା ହେବା, ଗରିବଙ୍କ ପକ୍କା ଘର ଯୋଜନାରେ ଗରିବ ବଦଳରେ ଦଳୀୟ କର୍ମୀ ଯୋଜନା ହାତେଇ ନେବା, ଫନିର ପ୍ରଚୁର କେନ୍ଦ୍ରୀୟ ସହାୟତା ଶାସନ ଓ ପ୍ରଶାସନ ଦ୍ୱାରା ବାଟମାରଣା ହେବା, ମେକ୍ ଇନ୍ ଓଡିଶା ନାରା ସମ୍ପୂର୍ଣ୍ଣ ବିଫଳ ହେବା, ସିଏଜି ରିପୋର୍ଟରେ ରାଜ୍ୟ ସରକାରଙ୍କ ଅପାରଗତା ପଦାରେ ପଡିବା ଏବଂ ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ଯୋଜନାକୁ ଲାଗୁ କରୁନଥିବା ରାଜ୍ୟସରକାର ଏବେ ନିଜସ୍ୱ ଯୋଜନା ପାଇଁ ଅର୍ଥ ଅଭାବ ହେବାରୁ କେନ୍ଦ୍ରୀୟ ଯୋଜନାକୁ ଲାଗୁ କରିବା ଆଦି ୬ଟି ପ୍ରସଙ୍ଗ ବିଜେଡି ଶାସନର ପ୍ରଥମ ୬ ମାସର ବଡ ଉପଲବ୍ଧି କହି ତାଚ୍ଛଲ୍ୟ କରିଛନ୍ତି ଶ୍ରୀ ମହାନ୍ତି । ଓଡିଶାରେ ମହିଳା ଦୁଷ୍କର୍ମ ଖାଲି ବଢିନି ବରଂ ମହିଳାକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ରକ୍ଷଣ ପୋଲିସ ବାହିନୀ ରାକ୍ଷାସ ପାଲଟି ଯାଇଛି । ମୃତା ସ୍ମିତାରାଣୀଙ୍କ ଚରିତ୍ର ସଂହାର କରି ଯାଜପୁର ଏସପି ଚରଣ ସିଂ ମୀନା ଶାସନ ଦଳର ବାହୁବଳି ନେତାଙ୍କ ପାଇଁ ବନିଛନ୍ତି ସୁରକ୍ଷା କବଚ । ସରକାରୀ ରେକର୍ଡରେ ଭଙ୍ଗାଯାଇଥିବା ରଙ୍ଗଶାଳା ବଡ ବଡିଆଙ୍କ ଜୀବନକୁ ରଙ୍ଗୀନ କରିବାରେ ହେଉଥିଲା ବ୍ୟବହୃତ । ଯାଜପୁରର ରଙ୍ଗଶାଳାରୁ ପୁରୀର ପୋଲିସ କ୍ୱାଟର ମହିଳାଙ୍କ ଅତ୍ୟାଚାର ପାଇଁ ବନିଥିଲା ଭୋଗଶାଳା । ଦୁଷ୍କର୍ମରେ ଓଡିଶା କଲାଣି ରେକର୍ଡ । ଏନସିଆରବି ରିପୋର୍ଟ କୁହନ୍ତୁ ବା ବିଧାନସଭାରେ ରାଜ୍ୟରେ ନଗଣ୍ୟ ଚାର୍ଜ ସିଟ୍ ହେଉ ଅଥବା ଦଣ୍ଡବିଧାନ ରାଷ୍ଟ୍ରୀୟ ସ୍ତରରୁ ଖସିଛି ବହୁ ତଳକୁ । ଏହାକୁ କଣ ନବୀନ ବାବୁ ମହିଳା ମାମଲାରେ ରାଜନୈତିକ ନକରିବା କହି ନିଜ ଦାୟିତ୍ୱକୁ ଏଡାଇ ଦେଇପାରିବେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସର ମହାଘୋଟାଲା ଖୋଦ୍ ବିଭାଗୀୟ ମନ୍ତ୍ରୀଙ୍କ ମହାଙ୍ଗା ନିର୍ବାଚନ ମଣ୍ଡଳିରେ ମିଳିଥିବାର ପ୍ରମାଣ ରାଜ୍ୟବାସୀଙ୍କ ଆଖି ଖୋଲିଦେଇଛି । ଶାସକ ଦଳର ଧନୀ ବଡ ନେତାଙ୍କୁ ଘର ମିଳିଛି । ମାତ୍ର ବିଧବା, ମହିଳା, ଭୂମିହୀନ, ଦିବ୍ୟାଙ୍ଗ ପରି ପରିବାର ଲାଂଚ ଦେଇନପାରିବା କାରଣରୁ ସରକାରୀ ଯୋଜନାରୁ ବଂଚିତ ହୋଇଛନ୍ତି । ମାହାଙ୍ଗାରେ ଆବାସ କେଳେଙ୍କାରୀରେ ଯେଉଁ ବିଡିଓ ସମ୍ପୃକ୍ତ ତାଙ୍କୁ ଖୋଦ୍ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନାଙ୍କର ଓଏସଡି ଭାବେ ସରକାର ପଦୋନ୍ନତି ଦେଇଛନ୍ତି । ଭାତ ହାଣ୍ଡିରୁ ଗୋଟେ ଭାତ ଚିପିବା ପରି ଆବାସ ଯୋଜନା ବଂଟନରେ ଗରିବ ବଂଚିତ ହେବା କଣ ନବୀନ ବାବୁଙ୍କ ୬ ମାସ ଶାସନର ବଡ ଉପଲବ୍ଧି ? ସେହିପରି ଫନି ଆସିବା ପୂର୍ବରୁ ଓ ପରେ କେନ୍ଦ୍ର ସରକାର ରେକର୍ଡ ପରିମାଣର ଆର୍ଥିକ ସହାୟତା ରାଜ୍ୟକୁ ଯୋଗାଇଦେଲେ । ଫନିରେ ପୁରୀ, ଖୋର୍ଦ୍ଧା ସମେତ ଅଳ୍ପ କେତୋଟି ଉପକୂଳ ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ଏବେ ବି ପଲିଥିନ୍ ତଳେ ଲୋକ ଜୀବନ ବିତାଉଛନ୍ତି । ଟଙ୍କା କେଉଁଆଡେ ଯାଉଛି କିଏ ନେଉଛି, କ୍ଷତିପୂରଣ ଟଙ୍କା କିଏ ପାଉଛନ୍ତି ସେ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରି ଲୋକ ଲୋକଯୁକ୍ତଙ୍କୁ ଆଗରେ ଅଭିଯୋଗ କରିବା ପରେ ସରକାର ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରିବା ପାଇଁ ନୋଟିସ ଦେବା ଆରମ୍ଭ କଲେଣି । ମାତ୍ର ଯାଂଚ କରି କ୍ଷତି ପୂରଣ ପାଇଁ ଯୋଗ୍ୟ ବାଛିବାର ଦାୟିତ୍ୱରେ ଥିବା ସରକାର କାହିଁକି ଭୁଲ ଲୋକଙ୍କୁ ଏହି ସୁବିଧା ଦେଲେ ତାହା ରାଜ୍ୟ ସରକାରଙ୍କ ମହାବିଫଳତାକୁ ପ୍ରମାଣିତ କରୁଛି କି ନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଶିଳ୍ପାୟନର ଡିଣ୍ଡିମ ପିଟୁଥିବା ନବୀନ ବାବୁଙ୍କ ରାଜ୍ୟ ସରକାର ମେକ୍ ଇନ୍ ଓଡିଶା ପ୍ରକଳ୍ପରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ୨୦୧୬ ଓ ୧୮ ମସିହାରେ ଉଭୟ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିବା କମ୍ପାନୀ ମାନଙ୍କର ପ୍ରକୃତ ପୁଞ୍ଜିନିବେଶ ବିଫଳ ହେଉ ଅଥବା ଯେତେକି ସଂଖ୍ୟକ ଲୋକଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କର୍ମସଂସ୍ଥାର ପ୍ରତିଶ୍ରୁତି ଦେଇଥିଲେ ତାହା ଏବେ ପାଣିର ଗାର ସଦୃଶ ହେବା ନବୀନ ବାବୁଙ୍କ ୬ ମାସର ସଫଳତା କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଅପରପକ୍ଷରେ ସିଏଜିଙ୍କ ସଦ୍ୟତମ ରିପୋର୍ଟ ରାଜ୍ୟ ସରକାରଙ୍କର ମୁଖା ଖୋଲିଦେଇଛି । ଆସୁଥିବା ପ୍ରଚୁର କେନ୍ଦ୍ରୀୟ ଅନୁଦାନକୁ ଖର୍ଚ୍ଚ କରିବା ବଦଳରେ ବିନା କାରଣରେ ଋଣ ଆଣି ଓଡିଶା ଅର୍ଥନୀତିକୁ ଦେବାଳିଆ କରିବାରେ ବଡ ଭୂମିକା ନେଇଛନ୍ତି ରାଜ୍ୟ ସରକାର । ସିଏଜି ତାଙ୍କ ସଦ୍ୟତମ ରିପୋର୍ଟରେ ରାଜ୍ୟ ତହବିଲର ୩୮ ହଜାର ୪୨୭ କୋଟି ଟଙ୍କା ଗାଏବ ହେବା, ଚିଟଫଣ୍ଡ ଜମାକାରୀଙ୍କୁ ଟଙ୍କାଟିଏ ଫେରସ୍ତ ନଦେବା, ତଥା ଅର୍ଥ ଫେରସ୍ତ ପାଇଁ ୩୦୦ କୋଟି ଟଙ୍କାର କର୍ପସ ଫଣ୍ଡ କୁଆଡେ ଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି । ଏହା କଣ ରାଜ୍ୟ ସରକାରଙ୍କ ୬ ମାସର ସଫଳତା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଏବେ ରାଜ୍ୟ ସରକାର କାଳିଆ ଯୋଜନାକୁ ପିଏମ କିଷାନ ନିଧି ଯୋଜନାରେ ସାମିଲ କରବା ପାଇଁ ଯାଉଛନ୍ତି । ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ଯୋଜନାକୁ ଲାଗୁ କରାଇ ଦେଉନଥିବାବେଳେ ନିର୍ବାଚନ ସରିବା ପରେ ରାଜ୍ୟ ଯୋଜନାର ଅର୍ଥ ଅଭାବ ହେବା ପରେ ଏବେ କେନ୍ଦ୍ରୀୟ ଯୋଜନାରେ ସାମିଲ କରି ମିଶାଇବା ପାଇଁ ପ୍ରୟାସ କରୁଛନ୍ତି । ପ୍ରସ୍ତାବିତ କୋଷ୍ଟାଲ ହାଇୱେକୁ ଥଣ୍ଡା ବାକ୍ସରେ ବର୍ଷ ବର୍ଷ ଧରି ପକାଇବା ପରେ ଏବେ କ୍ରିୟାନ୍ୱୟନ ପାଇଁ ଅନୁମତି ଦେବା ପାଇଁ ଇଚ୍ଛାପ୍ରକାଶ କରିଛନ୍ତି । ଲୋକଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନାକୁ ବନ୍ଦ ରଖିବା କଣ ନବୀନ ବାବୁଙ୍କ ସଫଳତାର ମାପକାଠି । ଓଡିଶାର ଲୋକଙ୍କ ସ୍ୱାର୍ଥ ପଛେ ରସାତଳଗାମୀ ହେଉ ମାତ୍ର ବିଜେଡିର ଭୋଟ ସୁରକ୍ଷିତ ରହୁ ବୋଧହୁଏ ଏଥିପାଇଁ ମୋଦିଙ୍କ ଏତେବଡ ଦୁଇ ଯୋଜନାକୁ ଲୋକଙ୍କ ପାଖରେ ପହଁଚାଇବା ପାଇଁ ରାଜ୍ୟ ସରକାର କଳାପାହାଡ ପରି ଠିଆହେବା କଣ ନବୀନ ବାବୁଙ୍କ ୬ ମାସର ବଡ ଉପଲବ୍ଧି କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଏବଂ ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

